## ମାଗଣା ବିଜୁଳି ଓ ବିଜୁ ସ୍ୱାସ୍ଥ୍ୟକାର୍ଡକୁ ନେଇ ଭୋଟର ଉତ୍ସାହିତ

# ସାଂସଦ ପ୍ରାର୍ଥୀଙ୍କୁ ନେଇ ବ୍ରଜକିଶୋରଙ୍କ ବିରାଟ ରୋଡ୍ ଶୋ'

**ତାଳଚେର ସଦର, ୧୬।୫(ସମିସ)**

ତାଳଚେର ନିର୍ବାଚନ ମଣ୍ଡଳୀରେ ଆଜି ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଡାକ୍ତର ଅଭିନାଶ ସାମଲ ଓ ତାଳଚେର ବିଧାୟକ ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନ ତାଳଚେର ବ୍ଲକର ଧରମପୁର, କଙ୍କିଳି, ବ୍ରଜନାଥପୁର, ଗୁରୁଜାଙ୍ଗ ପଞ୍ଚାୟତରେ ବିରାଟ ରୋଡ୍ ଶୋ କରି ଲୋକଙ୍କ ନିକଟତର ହୋଇଛନ୍ତି। ଗାଁ ଗାଁରେ ବୁଲିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତାହାରକୁ ନେଇ ଭୋଟର ବେଶ ଉତ୍ସାହିତ ହୋଇଥିବା ଦେଖିବାକୁ ମିଳିଥିଲା। ମାଗଣା ବିଜୁଳି, ସମସ୍ତଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟକାର୍ଡ, ୫ ବର୍ଷରେ ୨ ଲକ୍ଷ ସରକାରୀ ନିଯୁକ୍ତି ଏବଂ ନବୀନ ଗ୍ୟାରେଣ୍ଟିକୁ ନେଇ ବିଜେଡି ସପକ୍ଷରେ ପଞ୍ଚାୟତ ସ୍ତରରେ ବେଶ ଜନମତ ବୃଦ୍ଧିପାଇବାରେ ଲାଗିଛି। ବିଜେଡି ନିଜର ବିକାଶ କାର୍ଯ୍ୟକୁ ପ୍ରାଧାନ୍ୟ ଦେଇ ଏଠାରେ ସାଂସଦ ପ୍ରାର୍ଥୀ ଡା.ସାମଲ ଓ ବିଧାୟକ



ପ୍ରାର୍ଥୀ ଶ୍ରୀ ପ୍ରଧାନ ନିର୍ବାଚନମଣ୍ଡଳୀର ଘର ଘର ବୁଲି ପଞ୍ଚାୟତବାସୀଙ୍କୁ ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଛନ୍ତି। ସରକାରଙ୍କ ସମସ୍ତ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି ଗ୍ୟାରେଣ୍ଟି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଭାବରେ ନବୀନ ପଟ୍ଟନାୟକ ଶାସନକୁ ଆସିବା ମାତ୍ରେ ଗରୀବ ଲୋକଙ୍କୁ ମାଗଣାରେ ୧୦୦ ୟୁନିଟ ବିଜୁଳି ସହିତ ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରିବା ସହିତ ମିଶନ ଶକ୍ତି ଯୋଜନାରେ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମହିଳାମାନଙ୍କୁ ଋଣ, ୫ବର୍ଷରେ ୨ଲକ୍ଷ ସରକାରୀ ନିଯୁକ୍ତି ପ୍ରଦାନ, ଯୁବକମାନଙ୍କ ପାଇଁ ଏକଲକ୍ଷ କୋଟିର ବଜେଟ କରିବାକୁ ଇସ୍ତାହାରରେ ପ୍ରକାଶ କରିଛନ୍ତି। ସେହିପରି କଚ୍ଚାଘରକୁ ପକ୍କାଘର କରିବା, ଝିଅ ବିଭାଘର ପାଇଁ ୨୫ ହଜାର ଟଙ୍କାର ସହାୟତା ପ୍ରଦାନ, ଲେବର କାର୍ଡରେ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ଶ୍ରୀ ପ୍ରଧାନ ପଞ୍ଚାୟତବାସୀଙ୍କୁ ଜଣାଇଥିଲେ। ବିଜେଡିର ଏହି ବିଶାଳ ରାଲିରେ ବ୍ଲକ ଅଧ୍ୟକ୍ଷା ହେମଲତା ମହାନ୍ତି, ଜିଲ୍ଲା ପରିଷଦ ବିଭୁପ୍ରସାଦ ପତି ଏବଂ ସରପଞ୍ଚ ଓ ସମିତି ସଭ୍ୟ, ବିଜେଡିର ଶତାଧିକ କର୍ମୀ ଏହି ରୋଡ୍ ଶୋ' ରେ ସାମିଲ ହୋଇଥିଲେ।

## ବଇଣ୍ଡାରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ



**ବଇଣ୍ଡା, ୧୬।୫(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡାଠାରେ ଗୁରୁବାର ବିଜେଡି କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକ ବିଜେଡି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ଉଦଘାଟନ କରିବା ସହ ଏହି ଜୋନ ବ୍ଲକରେ ଶ୍ରେଷ୍ଠ ଜୋନ ଭାବରେ ପରିଚିତ। ଏହି ଜୋନରେ ବିଜେଡି କିଭଳି ଅତ୍ୟଧିକ ସଫଳତା ହାସଲ କରିବ ସେ ନେଇ ସମସ୍ତ କର୍ମୀ ଏକଜୁଟ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଯୋଡ଼ିଶଙ୍ଖରେ କିଭଳି ଅଞ୍ଚଳବାସୀ ଭୋଟ ଦେବେ, ସେ ନେଇ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସମ୍ପାଦକ ଭାଗିରଥି ପ୍ରଧାନ, ଜିଲ୍ଲା ପରିଷଦ ବିଷ୍ଣୁପ୍ରିୟା ପ୍ରଧାନ, ହୁଁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ପୂର୍ବତନ ସରପଞ୍ଚ ଜଳଧର ସାହୁ, ବ୍ଲକ ଯୁବ ବିଜେଡି ସଭାପତି ଅରୁଣ ସାହୁ, ବିଜେଡି ନେତା ସନ୍ତୋଷ ପ୍ରଧାନ, ସୁନୀଲ ପ୍ରଧାନ, ମାନସ ସାହୁ, ସୁନୀଲ ବିଶ୍ୱାଳ, ତପନ ସାହୁ, ଦୁର୍ଯ୍ୟୋଧନ ପ୍ରଧାନ, ଜିତେନ୍ଦ୍ର ବେହେରା, ପବନା ବେହେରା, ଗିରିଶ ଚନ୍ଦ୍ର ବେହେରା, ନାଏବ ସରପଞ୍ଚ ସୁମନ୍ତ ବେହେରାଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ।

## ପଞ୍ଚାୟତ କାର୍ଯ୍ୟାଳୟରୁ ଟିଭି, କମ୍ପ୍ୟୁଟର ଚୋରି

**ନାଲକୋ ନଗର, ୧୬।୫(ସମିସ) :** ନାଲକୋ ନଗର ଥାନା ଅନ୍ତର୍ଗତ କୁରୁଡୋଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ବିଭିନ୍ନ ବିଦ୍ୟୁତ ସାମଗ୍ରୀ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପଞ୍ଚାୟତ ଅଫିସ ଝାଡୁ କରିବାକୁ ଝାଡୁଦାର ଉର୍ମିଳା ବାରିକ ଆସିଥିଲେ। ଦେଖିବାକୁ ପାଇଲେ ଯେ, କେହି ଦୁର୍ବୃତ୍ତ ଅଫିସର ଦୁଇଟି କବାଟର ତାଲାକୁ ଭାଙ୍ଗି ମୁକୁଳା କରି ଦେଇଛି। ପରେ ତୁରନ୍ତ କୁରୁଡୋଲ ଗ୍ରାମ ପଞ୍ଚାୟତ ସରପଞ୍ଚ ଦିବାକର ମହାଳିକଙ୍କୁ ଅବଗତ କରିଥିଲେ। ଖବର ପାଇ ସରପଞ୍ଚ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ପଞ୍ଚାୟତ କାର୍ଯ୍ୟାଳୟରୁ କମ୍ପ୍ୟୁଟରର ସମସ୍ତ ଉପକରଣ, ବ୍ୟାଟେରି ସହ ଇନଭର୍ଟର ଓ ଏଲଇଡି ଟିଭି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ନାଲକୋ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ପଞ୍ଚାୟତ ଅଫିସ୍ ରୁ କେହି ଉଦ୍ଦେଶ୍ୟମୂଳକ ଚୋରି କରୁଥିବା ସରପଞ୍ଚ ପ୍ରକାଶ କରିଛନ୍ତି। ଆଜି ସୁଦ୍ଧା ପଞ୍ଚାୟତ ଅଫିସରୁ ୪ଥର ଚୋରି ହେଲାଣି।

## ଘର ଛପର ବେଳେ କାନ୍ଥ ମାଡ଼ିବସିଲା; ୨ ଗୁରୁତର

**ଅନୁଗୋଳ ୧୬।୫(ସମିସ):** ଅନୁଗୋଳ ସଦର ଥାନା ଅନ୍ତର୍ଗତ ଡେରଜେଙ୍ଗ ଗ୍ରାମରେ ଗୁରୁବାର ସକାଳେ ନଡ଼ା ଘର ଛପର କରୁଥିବା ବେଳେ ତଳେଥିବା ଦୁଇଜଣଙ୍କ ଉପରେ କାନ୍ଥ ମାଡ଼ି ବସିଥିଲା। ଫଳରେ ଦୁଇଜଣ କାନ୍ଥତଳେ ଚାପିହୋଇ ରହିଥିଲେ। ଗାଁ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଗୁରୁତର ଦୁହେଁ ହେଲେ ଡେରଜେଙ୍ଗ ଗ୍ରାମର ବାରିକ୍ ସାହିର ଅଙ୍ଗଦ ବାରିକ (୫୨) ଓ ନବ ସାହୁ (୫୦)। ଉଭୟଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଗଞ୍ଜେଇ ସହ ସ୍କୁଟି ଜବତ; ୨ ଗିରଫ

**ବଇଣ୍ଡା, ୧୬।୫(ସମିସ):** ଠାକୁରଗଡ଼ ପୁଲିସ ଗୁରୁବାର ସକାଳେ ଠାକୁରଗଡ଼ ଅଞ୍ଚଳରୁ ଏକ ସ୍କୁଟି ସହ ୬ କେଜି



ଗଞ୍ଜେଇ ଜବତ କରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଥାନା ପିରିଙ୍ଗିଆ ଥାନା ଘାଟି ସାହି ଅଞ୍ଚଳର ଶ୍ରାବଣ ଦିଗାଲ (୨୦), ବୌଦ୍ଧ ଜିଲ୍ଲା ମିନିଆପାଲୁ ଅଞ୍ଚଳର ଅନନ୍ତ ନାୟକ (୨୬)। ଉଭୟ ବୌଦ୍ଧ ଅଞ୍ଚଳରୁ ଏକ ସ୍କୁଟିରେ ୬ କେଜି ଗଞ୍ଜେଇ ଏକ ହ୍ୟାଣ୍ଡ ବ୍ୟାଗ ସାହାଯ୍ୟରେ ଧରି ଦିଲ୍ଲୀ ଅଭିମୁଖେ ଚାଲାଣ ପାଇଁ ବଇଣ୍ଡା ରେଳ ଷ୍ଟେସନକୁ ଯାଉଥିବା ବେଳେ ଖବର ପାଇଁ ଠାକୁରଗଡ଼ ପୁଲିସ ଠାକୁରଗଡ଼ ଛକ ନିକଟରେ ଉକ୍ତ ସ୍କୁଟିକୁ ଅଟକାଇ ଜବତ କରିଥିଲେ। ଏ ନେଇ ନମ୍ବର ୧୧୮/୨୪ ରେ ଏକ ମାମଲା ରୁଜୁକରି ଆଠମଲ୍ଲିକ କୋର୍ଟକୁ ଚାଲାଣ କରାଯାଇଛି।

## ଗ୍ରାମବାସୀଙ୍କ ଦ୍ୱାରା ଅଟକ ଯୁବକ ହଟହଟା

**ନାଲକୋ ନଗର, ୧୬।୫(ସମିସ) :** ନାଲକୋ ନଗର ଥାନା ଅନ୍ତର୍ଗତ ଗିରାଙ୍ଗ ଗ୍ରାମର ବିନତି ବେହେରା ସେହି ଗାଁର ସ୍ୱର୍ଣ୍ଣପ୍ରଭାଙ୍କଠାରୁ ଆଜକୁ ପ୍ରାୟ ଦେଢ଼ବର୍ଷ ତଳେ ଧାର ସୂତ୍ରରେ ଦୁଇ ଲକ୍ଷ ଟଙ୍କା ନେଇଥିଲେ। ଠିକ ସମୟରେ ଟଙ୍କା ଦେଇ ନପାରିବାରୁ ସ୍ୱର୍ଣ୍ଣପ୍ରଭା ୨୦% ସୁଧ ନେଉଥିଲେ। କିଛି ମାସ ସୁଧ ଦେବା ପରେ ଘରର ଆର୍ଥିକ ଅବସ୍ଥା ଭଲ ନଥିବାରୁ ଠିକ୍ ସମୟରେ ସୁଧ ଟଙ୍କା ଦେଇ ପାରି ନଥିଲେ। ଫଳରେ ସ୍ୱର୍ଣ୍ଣପ୍ରଭା ଉକ୍ତ ମହିଳାଙ୍କ ଘରକୁ ଆସି ଗାଳିଗୁଲଜ କରୁଥିଲେ। ଦୁଇ ମାସ ତଳେ ବିନତି ବେହେରାର ଅନିଚ୍ଛା ସତ୍ତ୍ୱେ ଜୋର ଜବରଦସ୍ତ ସ୍ୱର୍ଣ୍ଣପ୍ରଭାଙ୍କ ମା' ସାଙ୍ଗରେ ଝାରସୁଗୁଡ଼ା ନେଇଯାଇଥିଲା। ସେଠାରେ ତା'ର ବାପଘରେ ରଖି ଚାକରାଣୀ କାମ କରାଇ ତୁ ଟଙ୍କା ସୁଝିବୁ ବୋଲି ଧମକ ଦେଉଥିଲା। ଏଥି ସହିତ ପରିବାର ପକ୍ଷରୁ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦିଆଯାଇଥିଲା। ଏପରିକି ତା'ର ମୋବାଇଲ ଫୋନ ଛଡ଼ାଇ ରଖିଥିଲେ। ବିନତି ଅନ୍ୟ ଜଣେ ଲୋକଙ୍କୁ ଫୋନ ମାଗି ସମସ୍ତ ଘଟଣା ପରିବାର ଲୋକଙ୍କୁ ଜଣାଇଥିଲା ଓ ଉଦ୍ଧାର କରିବା ପାଇଁ ନିବେଦନ କରିଥିଲେ। ପରିବାର ଲୋକେ ଝାରସୁଗୁଡ଼ା ଯାଇ ବିନତିକୁ ଉଦ୍ଧାର କରି ଘରକୁ ଆଣିଥିଲେ। ୩ ତାରିଖ ଦିନ ନାଲକୋ ନଗର ଥାନାରେ ପହଞ୍ଚି ସମସ୍ତ ଘଟଣା ଲିଖିତ ଭାବେ ଜଣାଇଥିଲା। ଏ ନେଇ ପୁଲିସ ପଚରା ଉଚରା କରି କେବଳ ଚେତାବନୀ ଦେଇ ସ୍ୱର୍ଣ୍ଣପ୍ରଭାକୁ ଛାଡ଼ି ଦେଇଥିଲା। ସ୍ୱର୍ଣ୍ଣପ୍ରଭାର ଏତଲା କ୍ରମେ ମଙ୍ଗଳବାର ରାତି ସମୟରେ ଝାରସୁଗଡ଼ା ଓରିଏଣ୍ଟ ଥାନା ଟିମ ଆସି ନାଲକୋ ପୁଲିସ ସହ ଘଟଣା ସମ୍ପର୍କରେ ଆଲୋଚନା କରି ନାଲକୋ ପୁଲିସ ସହାୟତାରେ ମହିଳା ଏଏସଆଇଙ୍କ ଉପସ୍ଥିତି ରେ ବିନତି ଘରକୁ ଯାଇଥିଲେ। ଏତେ ରାତିରେ ପୁଲିସ କାହିଁକି ଆସିଛି ବୋଲି ବିନତିଙ୍କ ପରିବାର ପୁଲିସକୁ ପାଲଟା ପ୍ରଶ୍ନ କରିଥିଲେ। କିଛି ସମୟ ପରେ ଘଟଣାସ୍ଥଳରେ ଗ୍ରାମର କିଛି ମହିଳା ଓ ପୁରୁଷ ଏକାଠି ହୋଇ ପୁଲିସ ସହ କଥା କଟାକଟି ହୋଇଥିଲା। ଘଟଣା ସ୍ଥଳରେ ଝାରସୁଗୁଡ଼ାରୁ ଆସିଥିବା ପୁଲିସ ଅଧିକାରୀଙ୍କ ସହ ସ୍ୱର୍ଣ୍ଣପ୍ରଭାର ସମ୍ପର୍କୀୟ ଭାଇ ଝାରସୁଗୁଡ଼ା ଅଞ୍ଚଳରେ ପୁଲିସ ବିଭାଗରେ କାର୍ଯ୍ୟରତ ଅଛନ୍ତି। ହେଲେ ସାଦା ପୋଷାକରେ ଥିବାରୁ ପରିଚୟପତ୍ର ଓ ଗିରଫ କରିବା ପାଇଁ କାଗଜପତ୍ର ଲୋକମାନେ ମାଗିଥିଲେ କିନ୍ତୁ କିଛି ଦେଖାଇ ପାରି ନଥିଲେ। ଫଳରେ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଥିଲା। ଦୀର୍ଘ ୪ଘଣ୍ଟା ଧରି ସ୍ୱର୍ଣ୍ଣପ୍ରଭାର ସମ୍ପର୍କୀୟ ଭାଇ ଅଟକ ରହିଥିଲେ। ସ୍ୱର୍ଣ୍ଣପ୍ରଭାର ସମ୍ପର୍କୀୟ ଭାଇ ବିନତିଙ୍କ ପଡୋଶୀ ଅର୍ଜୁନ ମୋହନ ଗଡ଼ନାୟକଙ୍କ ଘରେ ପୁଲିସ ଉପସ୍ଥିତିରେ ଆତଙ୍କ ମଧ୍ୟ ସୃଷ୍ଟି କରିଥିଲେ। ଝାରସୁଗୁଡ଼ା ପୁଲିସ କହିବା ଅନୁସାରେ ସ୍ୱର୍ଣ୍ଣପ୍ରଭାର ବାପଘର ଝାରସୁଗୁଡ଼ା ଘରୁ ଟଙ୍କା ଓ ସୁନାଗହଣା ନେଇ ପଳାଇ ଆସିଛି। ଏହାକୁ ଆଧାର କରି ଝାରସୁଗୁଡ଼ା ପୁଲିସ କେସ ନମ୍ବର୍ ୯୨/୨୦୨୪ଆଧାର ରେ ୩୮୦ ଆଇପିସି ମାମଲା ରୁଜୁ କରିଥିବା ଝାରସୁଗୁଡ଼ା ପୁଲିସ ପ୍ରକାଶ କରିଛି। ଏ ଘଟଣାକୁ ନେଇ ନାଲକୋ ଥାନା ଅଧିକାରୀ ପ୍ରଦୀପ ମହନ୍ତଙ୍କୁ ପଚାରିବାରୁ ତଦନ୍ତ ଚାଲିଥିବା ପ୍ରକାଶ କରିଛନ୍ତି।

## ବିଜୁ ଜନତା ଦଳର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

**ଅନୁଗୋଳ, ୧୬।୫(ସମିସ):** ଅନୁଗୋଳ ନିର୍ବାଚନ ମଣ୍ଡଳୀର ବଅଁରପାଳ ବ୍ଲକ ଅନ୍ତର୍ଗତ ତଳମୂଳ ଶାସନ ଗ୍ରାମପଞ୍ଚାୟତଠାରେ ବିଜୁ ଜନତା ଦଳର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଅନୁଗୋଳ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟିକା ପ୍ରାର୍ଥିନୀ ସଂଯୁକ୍ତା ସିଂହ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ବଅଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଅନୁଗୋଳ ଜିଲ୍ଲା ବିଜୁ ଜନତା ଦଳ ଉପସଭାପତି ବାଉରୀବନ୍ଧୁ ସାହୁ, ୨୭ନଂ ଯୋନ ଜିଲ୍ଲା ପରିଷଦ ସଭ୍ୟ ଗୋପାଳ ଚନ୍ଦ୍ର ନାଏକ, ସରପଞ୍ଚ ,ସମିତି ସଭ୍ୟା, ସୁବାଷ ଚନ୍ଦ୍ର ପଟ୍ଟନାୟକ, ପଞ୍ଚାୟତର ବିଜୁ ଜନତା ଦଳ ସଭାପତି ଓ ଦଳର ନେତୃମଣ୍ଡଳୀ ଉପସ୍ଥିତ ରହି ସଙ୍ଗଠନ ଓ ଆଗାମୀ ନିର୍ବାଚନ



ରଣନୀତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କିପରି ଯୋଡ଼ିଶଙ୍ଖରେ ଲୋକମାନେ ଭୋଟ ଦେବେ ଉପସ୍ଥିତ ଅତିଥିମାନେ କର୍ମୀ ସମ୍ମିଳନୀରେ ଉଦବୋଧନ ଦେଇ କହିଥିଲେ। ସମ୍ମିଳନୀରେ ଖନ୍ଦାନାଳୀ ଗ୍ରାମରୁ ବିଜେପିର ୧୮ ଜଣ ଯୁବକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ରଜନୀକାନ୍ତ ସିଂହଙ୍କ କାର୍ଯ୍ୟକଳାପରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ।

### ■ ସିବିଏସ୍‌ଇ ପରୀକ୍ଷାରେ ରଣିଆକଟା ଓଏଭିର ସଫଳତା

## ଦିବ୍ୟଲୋଚନ ଟପ୍ପର; ସିମରନ ଦ୍ୱିତୀୟ ଓ ବିଶ୍ୱଜିତ ତୃତୀୟ

**କିଶୋରନଗର, ୧୬।୫(ସମିସ):** ଚଳିତ ବର୍ଷ ସିବିଏସଇ ଦଶମ ପରୀକ୍ଷା ଫଳରେ ଆଦର୍ଶ ବିଦ୍ୟାଳୟ ରଣିଆକଟାର ୭୬ ଜଣଙ୍କ ମଧ୍ୟରୁ ୬୩ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଶତକଡା ୯୦ ଭାଗରୁ ଅଧିକ ୧୩ ଜଣ ରଖିଛନ୍ତି। ଦିବ୍ୟଲୋଚନ ଭେରା ଶତକଡା





୯୫ . ୮ ଓ ଛାତ୍ରୀ ସିମରନ ପ୍ରଧାନ ୯୫.୬ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବିଶ୍ୱଜିତ ପ୍ରଧାନ ୫୦୦ ମାର୍କରୁ ୪୭୬ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ଯୋଗୁଁ ଛାତ୍ରଛାତ୍ରୀ ଓ ଶିକ୍ଷକ ମହଲରେ ଖୁସିର ଲହରି ଖେଳିଯାଇଛି।

## ଡେରଙ୍ଗ ଚନ୍ଦନ ଯାତ୍ରା ଉଦ୍‌ଯାପିତ



**କଣିହାଁ/ଡେରଙ୍ଗ ୧୬।୫(ସମିସ):** କଣିହା ବ୍ଲକ ଡେରଙ୍ଗ ଗ୍ରାମରେ ତିନିଦିନ ଧରି ଚାଲିଥିବା ଚନ୍ଦନ ଯାତ୍ରା ଉତ୍ସବ ଗୁରୁବାର ରାତ୍ରୀରେ ଉଦଯାପିତ ହୋଇଛି। ମଙ୍ଗଳବାର ଧଣ୍ଡା ପୂଜା ଓ ସ୍ଥାପନ କର୍ମ ପରେ ସନ୍ଧ୍ୟାରେ ରାଧାକୃଷ୍ଣଙ୍କ ବିମାନକୁ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ପାରମ୍ପରିକ ଆଦିବାସୀ ନୃତ୍ୟ, ଘୋଡ଼ାନାଚ, ଅଘୋରୀ ନୃତ୍ୟ, ଶ୍ରୀଜଗନ୍ନାଥଙ୍କ ଦେବଦାସୀ ନୃତ୍ୟ, ଶ୍ରୀକୃଷ୍ଣଙ୍କ ଗୋପଲୀଳା, ଘଣ୍ଟବାଦ୍ୟ, ନାମ ସଙ୍କୀର୍ତ୍ତନ ଡିଜେ ବାଜା, ବାଣ ସହିତ ସୁସଜ୍ଜିତ ଆଲୋକ ମାଳାରେ ନୃତ୍ୟଗୀତ ପଟୁଆରକୁ ନେଇ ଛତି ତରାସ ନକଲି ହାତୀ ପ୍ରତିକୃତିରେ ରାଧାକୃଷ୍ଣ ବିମାନ ଦର୍ଶକ ଶ୍ରଦ୍ଧାଳୁଙ୍କୁ ବିମୋହିତ କରିଥିଲା। ଗ୍ରାମର ମଝିସାହି ଯାତ୍ରା ପଡିଆରେ ଉତ୍ସବ ଆୟୋଜନ ହୋଇଥିଲା। ଉଠା ଦୋକାନୀଙ୍କ ବେପାର ଜମିଥିବା ବେଳେ ଘରେ ଘରେ ବନ୍ଧୁବାନ୍ଧବ ଯୋଗଦାନ କରିଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ସହସ୍ରାଧିକ ଜନସମାଗମ ହୋଇଥିଲା। ମନୋରଞ୍ଜନ ନିମନ୍ତେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଏକ ଅପେରା ପରିବେଷଣ ହୋଇଥିଲା। ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ଯାତ୍ରା ପରିଚାଳନା କମିଟି ସଦସ୍ୟଙ୍କ ସହିତ ପୁଲିସ ଉପସ୍ଥିତ ଥିଲା। ଗ୍ରାମ ସଭାପତି ଦିଲୀପ କୁମାର ବେହେରା, ସମ୍ପାଦକ ବିପିନ ସାହୁ ଉତ୍ସବରେ ସମସ୍ତ ସହଯୋଗ ନେଇ ଧନ୍ୟବାଦ ଜଣାଇଛନ୍ତି।

## 'ସାରେଗାମା'ର ବୈଶାଖୀ ଉତ୍ସବ ପାଳିତ

ଅନୁଗୋଳ ୧୬।୫(ସମିସ) : ନାଲକୋନଗର ସ୍ଥିତ ସେବା ଓ ସାଂସ୍କୃତିର ଅଗ୍ରଣୀ ଅନୁଷ୍ଠାନ ସାରେଗାମାର ବୈଶାଖୀ ଉତ୍ସବ ସାରେଗାମା ଭବନରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ସାରେଗାମାର ପୂର୍ବତନ ସଭାପତି ଅମିୟ କୁମାର ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥିଙ୍କ ମଧ୍ୟରେ ତପନ ପଟ୍ଟନାୟକ, ଅମରେନ୍ଦ୍ର ମିଶ୍ର, ରାଜାରାମ ମିଶ୍ର, ଦେବବ୍ରତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସାଂପ୍ରତିକ ବୈଶାଖୀ ତାତିରୁ କିଛି ମୁହୂର୍ତ୍ତ ବାହାର କରି ତା'ର ନିଜସ୍ୱ ସଦସ୍ୟ ମାନଙ୍କ ଦ୍ୱାରା ବିଭିନ୍ନ ଗୀତ, ନାଚ, ଅଭିନୟ, କଳା ଓ କୌଶଳର ଏକ ରଙ୍ଗାରଙ୍ଗ କାର୍ଯ୍ୟକର୍ମ ଅନୁଷ୍ଠିତ ହେଇଥିଲା। ନିମନ୍ତ୍ରିତ ଅତିଥି ଅତିଥି ସ୍ୱାଇଁ, ରନି ପଟ୍ଟନାୟକ, ତପନ ମିଶ୍ର, ଅବିନାଶ ପ୍ରଧାନ, ପ୍ରମୋଦ ପାଣିଗ୍ରାହୀ, ଲଲାଟେନ୍ଦୁ ମହାପାତ୍ର, ପୀୟୂଷ ରଞ୍ଜନ ପତି, ଶ୍ରୀନିବାସ ସାହୁ, ସୁରେନ୍ଦ୍ର ମଲ୍ଲିକ, ଅଞ୍ଜଳି ସାହୁ ପ୍ରମୁଖ ଉଚ୍ଚକୋଟିର ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ମସଗୁଲ କରିଦେଇଥିଲେ। ନାଟକ ଅଭିନୟରେ ସହଯୋଗ ପାଇଁ ରଶ୍ମିତା ଜେନା, ଅଞ୍ଜଳି ସାହୁ, ରଶ୍ମି ବେହେରା, ଝୁନୁ ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବଟିକୁ କିଶୋର କୁମାର ବେହେରା ଓ ଅତିଥି ସ୍ୱାଇଁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମଟିକୁ ସାରେଗାମା ର ସମସ୍ତ କମିଟି ସଦସ୍ୟ ପରିଚାଳନା କରିଥିଲେ।



## ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ




**କଣିହାଁ, ୧୬।୫(ସମିସ):** କଣିହାଁ ବ୍ଲକ ଏନଟିପିସି ବଜାର ନିକଟ ବିଜିଗୋଳ ଶ୍ରୀରାମ ମନ୍ଦିର ପରିସରରେ ବୁଧବାରଠାରୁ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଆରମ୍ଭ ହୋଇଛି। ଏହାକୁ ନେଇ ମନ୍ଦିର ପରିସର ଚଳଚଞ୍ଚଳ ହୋଇଥିବା ବେଳେ ବହୁ ଶ୍ରଦ୍ଧାଳୁ ଓ ପ୍ରବଚନ ପ୍ରେମୀଙ୍କ ଭିଡ଼ ଜମିଛି। ଉକ୍ତ କାର୍ଯ୍ୟକ୍ରମ ଚଳିତ ମାସ ୨୩ତାରିଖ ପର୍ଯ୍ୟନ୍ତ ଚାଲିବ। ବିଜିଗୋଳ ଗ୍ରାମବାସୀ ଓ ମନ୍ଦିର କମିଟି ତରଫରୁ ଏହା ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ଧାମ ପୁରୀର ବିଭିନ୍ନ ମଠ ମନ୍ଦିରର ସନ୍ଥ ଓ ବରେଣ୍ୟ ପଣ୍ଡିତ ଯୋଗଦାନ କରି ପ୍ରଭୁ ଶ୍ରୀରାମ ଲୀଳା ତତ୍ତ୍ୱ ଓ ପ୍ରସଙ୍ଗ ଉପରେ ଅମୃତ ଗାଥା ଆଲୋକପାତ କରିବେ। ବୁଧବାର ସତୀ ମୋହ ଓ ପାର୍ବତୀ ବିବାହ ଓ ଗୁରୁବାର ଶ୍ରୀରାମଙ୍କ ଜନ୍ମ ଓ ବାଲ୍ୟଲୀଳାକୁ ନେଇ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶୁକ୍ରବାର ସୀତା ବିବାହ ଲୀଳା କଥା ଅମୃତ ପରିବେଷଣ କରାଯିବ ବୋଲି ସୂଚନା ମିଳିଛି।

### ■ ଠାକୁରଗଡ଼ ସାପ୍ତାହିକ ହାଟରେ ନିର୍ମାଣ ହେଉନି ପିଣ୍ଡି

## ରାସ୍ତାକଡ଼ରେ ପସରା ମେଲାଇଛନ୍ତି ବ୍ୟବସାୟୀ

**ବଇଣ୍ଡା, ୧୬।୫(ସମିସ)**

ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ସାପ୍ତାହିକ ହାଟ ଅନେକ ସମସ୍ୟା ଦେଇ ଗତି କରୁଛି। ବିଶେଷ କରି ଏହି ସାପ୍ତାହିକ ହାଟଟି ପ୍ରତେକ ଶୁକ୍ରବାର ହେଉଥିବା ବେଳେ ହାଟର କୌଣସି ଉନ୍ନତି ହେଉ ନଥିବା ଯୋଗୁଁ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ହାଟରୁ ବର୍ଷକୁ ହଜାର ହଜାର ଟଙ୍କାର ରାଜସ୍ୱ ଆଦାୟ ହୋଇଥିଲେ ମଧ୍ୟ ବିକାଶ କରାଯାଉ ନଥିବା ଯୋଗୁଁ ବ୍ୟବସାୟୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନଥିବା ଯୋଗୁଁ ବ୍ୟବସାୟୀ ମାନେ କୌଣସି



ସୁବିଧା ପାଇ ପାରୁନାହାନ୍ତି। ଆଠମଲ୍ଲିକ ରାଜାଙ୍କ ସମୟରେ ଗ୍ରାମବାସୀ ଏହି ହାଟ ଆରମ୍ଭ କରିଥିଲେ। ବଇଣ୍ଡା – ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତା କଡ଼ରେ ଏହି ହାଟ ପଡୁଥିବାରୁ ରାସ୍ତା କଡ଼ରେ ହାଟ ବସୁଛି। ବିଶେଷ କରି ପ୍ରତିବର୍ଷ ଏହି ହାଟକୁ ନିଲାମ କରାଯାଉଥିଲେ ମଧ୍ୟ ହାଟର ପିଣ୍ଡି ନିର୍ମାଣ କରାଯାଉନାହିଁ। ଫଳରେ ବ୍ୟବସାୟୀମାନେ ରାସ୍ତା କଡ଼ରେ ସେମାନଙ୍କ ବିଭିନ୍ନ ସାମଗ୍ରୀ ରଖି ପସରା ମେଲାଇଥାନ୍ତି। ଏହି ସାପ୍ତାହିକ ହାଟ ଉପରେ ଠାକୁରଗଡ଼, କନ୍ତପଡ଼ା, ପାଇକସାହି, ଆମ୍ବସରମୁଣ୍ଡା, ମଇମୁରା, ସପଘରା, ଟାପଡୋଲ, ପେଡ଼ିପଥର ସାନହୁଲା, କୃତୀବାସପୁର, କୁରୁମଟାପ, ସଂଜାମୁରା, ଆଦି ପଞ୍ଚାୟତର ଚାଷୀ ଓ ବିଭିନ୍ନ ବ୍ଲକର ବ୍ୟବସାୟୀମାନେ ନିର୍ଭର କରୁଛନ୍ତି। ଏହି ଅଞ୍ଚଳରୁ ଅନେକ ପନିପରିବା ଆସିବା ସହ ମୁଗ, ବିରି, ହରଡ଼, କୋଳଥ ଆମଦାନୀ ହେଉଥିବା ଯୋଗୁଁ ଏହି ହାଟଟି ବେଶ ପରିଚିତ। ବିଶେଷ କରି ଏହି ହାଟରୁ ଜିଲ୍ଲା ବାହାରୁ ବ୍ୟବସାୟୀମାନେ ଆସି ପନିପରିବା କିଣିନେଇ ଅନ୍ୟ ଜିଲ୍ଲାରେ ବିକ୍ରି କରିଥାନ୍ତି। ଶହ ଶହ ଚାଷୀ ହାଟକୁ ଆସୁଥିବା ବେଳେ ସେମାନଙ୍କ ପାଇଁ କୌଣସି ସୁବିଧା ନାହିଁ। ହାଟରେ ପିଣ୍ଡି ନିର୍ମାଣ ହେଉ ନଥିବା ଯୋଗୁଁ ବର୍ଷାଦିନେ କାଦୁଅରେ କିଣାବିକା ହେଉଛି। ସେହିପରି ପାନୀୟ ଜଳ ପାଇ ମଧ୍ୟ କୌଣସି ବ୍ୟବସ୍ଥା ନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଠ ମହେଶ୍ୱର ମାଣ୍ଡୋଇ
ଆବିର୍ଭାବ: ୨୫.୦୫.୧୯୩୭
ତିରୋଧାନ: ୦୭.୦୫.୨୦୨୪
କାଠଖୁଣ୍ଟିଆ, ବେଗୁନିଆ, ଖୋର୍ଦ୍ଧା
ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ :
ପୁତ୍ର: କୈଳାସ, ବଳରାମ, ଭରତ, ଶତ୍ରୁଘନ ଓ ଲକ୍ଷ୍ମୀଧର, ଝିଅ: ଶାନ୍ତିଲତା ଓ ଶୈଳବାଳା, ପୁତ୍ରବଧୂ, ନାତି ନାତୁଣୀ ଓ ଆତ୍ମୀୟସ୍ୱଜନ

# କଙ୍କଡ଼ାହାଡ଼ ବ୍ଲକ୍‌ରେ ବିଜେଡିର ଜୋର୍‌ଦାର୍ ପ୍ରଚାର

**କାମାକ୍ଷାନଗର, ୧୬।୫ (ସମିସ) :** ସାଧାରଣ ନିର୍ବାଚନକୁ ଆଉ ମାତ୍ର କିଛିଦିନ ବାକିଥିବା ବେଳେ ପରଜଙ୍ଗ ନିର୍ବାଚନମଣ୍ଡଳୀରେ ବିଜେଡି ତରଫରୁ ପ୍ରଚାର ଜୋରଦାର କରାଯିବା ସହ ଗାଁ ଗାଁରେ ପହଞ୍ଚାଉଥିବା ଦେଖିବାକୁ ମିଳିଛି। କଙ୍କଡାହାଡ଼ ବ୍ଲକ ଜୋନ ୧ ରେ ବିଜେଡି ତରଫରୁ ବିଧାୟକ ପ୍ରାର୍ଥୀ ଡ. ନୃସିଂହ ଚରଣ ସାହୁଙ୍କ ସହ ଶତାଧିକ ସମର୍ଥକ ବାଇକ୍ ରାଲି ଓ ଶୋଭାଯାତ୍ରା କରି ଗାଁ ଗାଁରେ ପ୍ରଚାର କରୁଛନ୍ତି। ୧ ନଂ ଜୋନର ପଙ୍ଗାତିରକ୍ଷ, ଦଶିପୁର, ବିରିବୋଲେଇ, ଘାଗରାମୁଣ୍ଡା ପ୍ରଭୃତି ଗାଁରେ ବିଧାୟକ ପ୍ରାର୍ଥୀ ଡ. ସାହୁ ପ୍ରଚାର କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-ଟି ଗ୍ୟାରେଣ୍ଟି ଓ ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ ହୋଇଥିବା ବିକାଶମୂଳକ କାମକୁ ଲୋକଙ୍କ ପାଖରେ ପହଞ୍ଚାଇ ଡ. ସାହୁ ବିପୁଳ ଜନସମର୍ଥନ ପାଉଥିବା ଦେଖିବାକୁ ମିଳୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୯୦% ଜନସାଧାରଣଙ୍କ ବିଜୁଳି ବିଲ୍ ମାଗଣା ଘୋଷଣା କରିବା, ବିଏସ୍କେୱାଇର ଅଭୂତପୂର୍ବ ସଫଳତା, ଗାଁ ଗାଁରେ ୫-ଟି ହାଇସ୍କୁଲ, ଲକ୍ଷ୍ମୀ ବସ ଯୋଜନା, ମହିଳାମାନଙ୍କୁ ସଶକ୍ତୀକରଣ ପାଇଁ ଇସ୍ତାହାରରେ ଘୋଷଣା ଇତ୍ୟାଦିକୁ ନେଇ ବିଜେଡି ଚଳିତ ନିର୍ବାଚନରେ ବାଜିମାତ କରିବାର ହାୱା ସୃଷ୍ଟି ହୋଇଛି। ଏହି ପ୍ରଚାର କାର୍ଯ୍ୟକ୍ରମରେ ବିଭିନ୍ନ ଗାଁର ମୁରବୀ ଶ୍ରେଣୀୟ ଲୋକ ଯୋଗଦେଇ ବିଜେଡି ସରକାରଙ୍କ ସଫଳତା ବଖାଣିବା ସହ ନୃସିଂହ ସାହୁଙ୍କୁ ଆଉଥରେ ଭୋଟଦେଇ ବିଜୟୀ କରାଇବା ପାଇଁ ସ୍ଥାନୀୟ ଲୋକଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ୩୦୦ ରୁ ଉର୍ଦ୍ଧ୍ୱ ବାଇକରେ ବିଶାଳ ଶୋଭାଯାତ୍ରା କରି ବିଜେଡି କର୍ମୀ ଓ ବିଧାୟକ ପ୍ରାର୍ଥୀ ଡ଼ ନୃସିଂହ ଚରଣ ସାହୁ ବିଭିନ୍ନ ଗାଁକୁ ଗାଁ ବୁଲି ପ୍ରଚାର କରିଥିଲେ।



## ନିର୍ବାଚନ ବେଳେ ଆଉ ଦିଶୁନି ପୋଷ୍ଟର ବ୍ୟାନର ଲଢ଼େଇ

**ଗଁଦିଆ, ୧୬।୫ (ସମିସ) :** ଢେଙ୍କାନାଳ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ମେ ୨୫ତାରିଖରେ ଭୋଟ ଗ୍ରହଣ ହେବ। ବିଗତ ନିର୍ବାଚନରେ ଦଳୀୟ ନେତାଙ୍କ ଫଟୋ ଥାଇ ବଡ଼ ବଡ଼ ବ୍ୟାନର ଛାଇ ହୋଇଯାଉଥିଲା କାନ୍ଥ ବାଡ଼ରେ ପୋଷ୍ଟର ମଧ୍ୟ ଲାଗୁଥିଲା। ଏହାଛଡ଼ା ଦଳୀୟ ଚିହ୍ନ ଥାଇ ମାଳ ମାଳ ରାସ୍ତାରେ ଏ ମୁଣ୍ଡରୁ ସେ ମୁଣ୍ଡକୁ ଛାଇହେଉଥିଲା। ପ୍ରତିଯୋଗିତା ମନୋଭାବ ରଖି ଗୋଟିଏ ଦଳର ପୋଷ୍ଟର ପାଖରେ ଆଉଏକ ଦଳର ପୋଷ୍ଟର ବ୍ୟାନର ଓ ପତାକା ଲାଗୁଥିଲା। ଏଭଳି ଦୃଶ୍ୟ ଚଳିତ ନିର୍ବାଚନ ପୂର୍ବରୁ ବିଶେଷ କରି ଗଁଦିଆର ସବୁ ଛକ, ଗଳିକନ୍ଦିରେ ଆଉ ଦେଖିବାକୁ ମିଳୁନି। ନୂଆବର୍ଷ ପାଳନ ଅବସରରେ ଗାଁ ଗାଁରେ ଏବଂ ସହର ମଧ୍ୟରେ ଯେଭଳି ଅଭିନନ୍ଦନ ଭରା ପୋଷ୍ଟର ଓ ବ୍ୟାନର ଲାଗୁଥିଲା। ସେଭଳି ନିର୍ବାଚନ ସମୟରେ ମଧ୍ୟ ନାହିଁ କହିଲେ ଚଳେ। ନେତାମାନଙ୍କର ନିର୍ବାଚନ ପ୍ରଚାର ଶୈଳୀ କିଛି ଭିନ୍ନ ହୋଇଥିବାର ଲକ୍ଷ୍ୟ କରାଯାଉଛି। ସେମାନେ ବିଭିନ୍ନ ଅଞ୍ଚଳ ଗ୍ରସ୍ତ କରି କେଉଁଠି ରୋଡ୍ ସୋ, କେଉଁଠି ସଭା ସମିତି କରୁଛନ୍ତି ଓ ଘରକୁ ଘର ବୁଲି ଭୋଟରଙ୍କୁ ଭେଟୁଛନ୍ତି। ବିଭିନ୍ନ ଦଳୀୟ ନେତାଙ୍କ ସମର୍ଥକମାନେ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ପୋଷ୍ଟର କରି ନିଜର ମନ୍ତବ୍ୟ ଦେଉଛନ୍ତି। ପୂର୍ବେ ନିର୍ବାଚନ ସମୟରେ ଗାଁ ଗାଁରେ ସାଧାରଣ ସଭା ଓ ବିଭିନ୍ନ ରାସ୍ତା କଡ଼ରେ ସଭାସମିତି କରାଯାଉଥିଲା। ଆଉ ପ୍ରାୟତଃ ହେଉନାହିଁ, କାଁ ଭାଁ କେତୋଟି ସ୍ଥାନରେ ପ୍ରଚର ଗାଡ଼ ବୁଲୁଛି।

## କାଞ୍ଚନ ବଜାର କୁମ୍ଭାରସାହିରେ କୋଦଣ୍ଡ ନୃତ୍ୟ ପାଳିତ



**ଢେଙ୍କାନାଳ, ୧୬।୫ (ସମିସ) :** ସ୍ଥାନୀୟ କାଞ୍ଚନ ବଜାର କୁମ୍ଭାରସାହିରେ କୋଦଣ୍ଡ ନୃତ୍ୟ ପାଳିତ ହୋଇଯାଇଛି। ଅନୁଗୋଳ ଜିଲ୍ଲାର ସୁଲେଇପାଳର ଦଣ୍ଡନୃତ୍ୟ ପାର୍ଟି ପକ୍ଷରୁ କୋଦଣ୍ଡ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ୧୩ ନଂ ୱାର୍ଡର କାଉନ୍ସିଲର ମହମ୍ମଦ ସାଗୀର, ମୁଖ୍ୟବକ୍ତା ଭାବେ ଚିତ୍ତରଞ୍ଜନ ସାହୁ ଉପସ୍ଥିତ ରହିଥିବା ବେଳେ ତାଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ଏହି ଉତ୍ସବରେ ମା' କାମନାକାଳୀ ଦଣ୍ଡନୃତ୍ୟ ପକ୍ଷରୁ ସୁଲେଇପାଳ ଦଣ୍ଡନୃତ୍ୟର ଦୁଇ କଳାକାର କପିଳ ଭାଇ ଓ ବିକାଶ ଭାଇଙ୍କୁ ତାଙ୍କ ଜନ୍ମଦିନରେ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ବିଭିନ୍ନ ନୃତ୍ୟ ହାଡ଼ି-ହାଡ଼ିଆଣୀ, ଶିବ-ପାର୍ବତୀ, ଯୋଗୀ-ଯୋଗିଆଣୀ ଓ ନାବିକ ଇତ୍ୟାଦି ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମ କରି ଏହି କୋଦଣ୍ଡ ନୃତ୍ୟ ହୋଇଥିବା ବେଳେ ପ୍ରତ୍ୟେକ ବର୍ଷ ଏହା ପାଳନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସାହିର ଜନସାଧାରଣ ଏହାକୁ ମନଭରି ଉପଭୋଗ କରିଥିଲେ।

## ଢେଙ୍କାନାଳ ବସ୍‌ଷ୍ଟାଣ୍ଡରେ ବିଜେପିର ପ୍ରଚାର

**ଢେଙ୍କାନାଳ, ୧୬।୫ (ସମିସ) :** ବିଜେପି ଲୋକସଭା ପ୍ରାର୍ଥୀ ରୁଦ୍ର ପାଣି ସ୍ଥାନୀୟ ବସଷ୍ଟାଣ୍ଡ ଓ ହନୁମାନ ଛକରେ ଦଳୀୟ କର୍ମୀଙ୍କ ସହ ଯୋଡି ପଦ୍ମରେ ଭୋଟ ଦେବା ପାଇଁ ସମସ୍ତ ଦୋକାନୀ, ବ୍ୟବସାୟୀ ଓ ଜନସଧାରଙ୍କୁ ଅନୁରୋଧ କରଥିଲେ। ମୋଦୀଙ୍କ ଗ୍ୟାରେଣ୍ଟି ବାବଦରେ ଆଲୋଚନା କରିବା ସହ ବସଷ୍ଟାଣ୍ଡ ଛକରେ ପୁରୁଣା ବନ୍ଧୁଙ୍କ ସହିତ ଚା' ପାନ କରିଥିଲେ। ଶ୍ରୀ ପାଣିଙ୍କ ସହିତ ବରିଷ୍ଠ ବିଜେପି ନେତା ରାମଚନ୍ଦ୍ର ପାତ୍ର, ମିଡିଆ ପ୍ରଭାରୀ ନବକିଶୋର ଗୁରୁ, ବସଷ୍ଟାଣ୍ଡ ଲକ୍ଷ୍ମୀପୂଜା କମିଟି ସଭାପତି ଜୟନ୍ତ ମିଶ୍ର, ସମ୍ପାଦକ ରୁଦ୍ରନାରାୟଣ ତ୍ରିପାଠୀ, ତୁଷାରକାନ୍ତ ମାନସିଂ, ସ୍ନେହାଶିଷ ମାନସିଂହ, ସଞ୍ଜୀବ ତ୍ରିପାଠୀ, ସୂର୍ଯ୍ୟନାରାୟଣ କର ପ୍ରମୁଖ କାର୍ଯ୍ୟକର୍ତ୍ତା ଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



**ଗଁଦିଆ, ୧୬।୫ (ସମିସ) :** ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ଅନ୍ତର୍ଗତ କାବେରା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଦାନନ୍ଦ ରାଉତ (୮୪)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି। ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ଢେଙ୍କାନାଳରେ ସୁପରିଚିତ ଥିଲେ। ତାଙ୍କ ଶେଷ ଶଯ୍ୟା ନିକଟରେ ତାଙ୍କ ପୁଅ ପ୍ରତାପ, ପବିତ୍ର, ପରେଶ, ଝିଅ ପ୍ରତ୍ୟୁଷା, ସାନଭାଇ ଡାକ୍ତର ସଦାନନ୍ଦ ରାଉତଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। କାବେରା ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଜିଲ୍ଲା ସମ୍ମିଳନୀ




**ଢେଙ୍କାନାଳ, ୧୬।୫ (ସମିସ) :** ସ୍ଥାନୀୟ ଶ୍ରୀରାମ ମଣ୍ଡପଠାରେ ଜିଲ୍ଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସମ୍ମିଳନୀ ଜିଲ୍ଲା ସଭାପତି ଗୋପାଳଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଢେଙ୍କାନାଳ ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲ, ହିନ୍ଦୋଳ ବିଧାନସଭା ପ୍ରାର୍ଥୀ ମହେଶ ସାହୁ, ବିଜେଡି ଆଇନଜୀବୀ ସାମୁଖ୍ୟର ରଜ୍ୟ ସଭାପତି ତଥା ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମିଳନ କାନୁନଗୋ, ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ, ରାଜ୍ୟ ଆଇନଜୀବୀ ପରିଷଦର ଉପାଧ୍ୟକ୍ଷ ରାଜୀବ ମହାନ୍ତି, ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ମନୋଜ ବର୍ମା, ଢେଙ୍କାନାଳ ବିଧାନସଭା କ୍ଷେତ୍ରର ସହପର୍ଯ୍ୟବେକ୍ଷକ ଅମରଜିତ ସେନାପତି, ଜିପି ପତିତପାବନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟର ଆଇନଜୀବୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ସମସ୍ତ ଯୋଜନା ଉପରେ ଆଲୋକପାତ କରାଯାଇଥିଲା। ସାଧାରଣ ନିର୍ବାଚନ ପରେ ରାଜ୍ୟର ସମସ୍ତ ଆଇନଜୀବୀଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବାରୁ ଧନ୍ୟବାଦ ପ୍ରସ୍ତାବ ଆଗତ ହୋଇଥିଲା। ବିଜେଡିକୁ ବହୁ ପରିମାଣରେ ଭୋଟ ଦେଇ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ଓକିଲ ସଙ୍ଘର ପୂର୍ବତନ ଜିଲ୍ଲା ସଭାପତି ଗଣେଶ୍ୱର ରଥ, ଓମପ୍ରକାଶ ଶରଣ, ପଙ୍କଜ ଲୋଚନ ସାହୁ, ଗଣେଶ୍ୱର ସାହୁ, ଓକିଲ ସଙ୍ଘର ସମ୍ପାଦକ ଟଙ୍କଧର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିରଷ୍ଠ ଆଇନଜୀବୀ ସୁରେଶ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିରଷ୍ଠ ଆଇନଜୀବୀ ପଙ୍କଜଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଇନଜୀବୀ ଦେବାଶିଷ ମିଶ୍ର ସଭା ପରିଚାଳନା କରିଥିଲେ। ଏହି ସମ୍ମିଳନୀରେ ଜିଲ୍ଲାର ୪୦୦ରୁ ଅଧିକ ଆଇନଜୀବୀ ଭାଗ ନେଇଥିଲେ।

● ଢେଙ୍କାନାଳ ଲୋକସଭା ନିର୍ବାଚନରେ ୧୦ ପ୍ରତିଦ୍ୱନ୍ଦ୍ୱୀ

## ପ୍ରାର୍ଥୀଙ୍କ ମଧ୍ୟରେ ଡାକ୍ତର, ଏମ୍‌ବିଏ, ପୋଷ୍ଟ ଗ୍ରାଜୁଏଟ୍

**ଢେଙ୍କାନାଳ, ୧୬।୫ (ସମିସ) :** ଢେଙ୍କାନାଳ ଲୋକସଭା ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷିତ ରହିଥିବା ଜଣାପଡ଼ିଛି। ଏଭଳି ପ୍ରାର୍ଥୀ ନିର୍ବାଚନକୁ ଆସିଲେ ଦେଶର ବିକାଶ ହେବ ବୋଲି ଆଲୋଚନା ହେଉଛି। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଉତ୍କଳ ସମାଜ ତରଫରୁ ସ୍ୱପ୍ନାରାଣୀ ଜେମସ ଖ୍ରୀଷ୍ଟ ମହାବିଦ୍ୟାଳୟରୁ ଇଂରାଜୀରେ ବିଏ ପାସ କରିଥିବା ବେଳେ ସ୍ୱାଧୀନ ଭାବରେ ନିର୍ବାଚନ ଲଢୁଥିବା କୈଳାସ ଚନ୍ଦ୍ର ପ୍ରଧାନ ବିପିୟୁଟି ରାଉରକେଲାରୁ କମ୍ପ୍ୟୁଟର ସାଇନ୍ସରେ ବିଟେକ୍ କରିଛନ୍ତି। ସେହିପରି ଜନାର୍ଦ୍ଦନ ନାଏକ ଢେଙ୍କାନାଳ କଲେଜରୁ ଏଲଏଲବି, ପ୍ରିୟବ୍ରତ ଗଡ଼ନାୟକ ସମ୍ବଲପୁର ୟୁନିଭର୍ସିଟିରୁ ଗଣିତରେ ଏମଏସସି, ମହେଶ୍ୱର ସାହୁ ସାମ୍ବାଦିକ ଏବଂ ଗଣମାଧ୍ୟମରେ ଏମଏ, ବହୁଜନ ସମାଜ ପାର୍ଟି ତରଫରୁ ପ୍ରଫୁଲ୍ଲ କୁମାର ନାଏକ ବିଏ ଏଲଏଲବି, ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ସସ୍ମିତା ବେହେରା ଉତ୍କଳ ୟୁନିଭର୍ସିଟିରୁ ଏମବିଏ ସହିତ ରାଉରକେଲା ଏନଆଇଟିରୁ କେମିକାଲ ଇଞ୍ଜିନିୟରିଂରେ ବିଇ, ବାଙ୍ଗାଲୋର ଆଇଆଇଏମରୁ ଲିଡରସିପ ଇନ ୱିମେନରେ ବି ପାସ କରିଛନ୍ତି। ବିଜେପିର ରୁଦ୍ର ନାରାୟଣ ପାଣି ଢେଙ୍କାନାଳ ମହାବିଦ୍ୟାଳୟରୁ ବିଏ, ଆମ୍ବେଦକର ଦଳ ତରଫରୁ ମାନସୀ ସ୍ୱାଇଁ ଅନୁଗୋଳ ମହାବିଦ୍ୟାଳୟରୁ ଓଡିଆରେ ଏମଏ ଏବଂ ବିଜେଡି ତରଫରୁ ଅବିନାଶ ସାମଲ ରେଡିଓ ଡାଇଗ୍ନୋସିଷ୍ଟରେ ପିଜି ସହିତ ହାଇଟେକରୁ ଏମବିବିଏସ୍ ପାସ କରିଥିବା ଜଣାପଡ଼ିଛି।

## ବିଜେପି କର୍ମୀ ବିଜେଡିରେ ସାମିଲ



**ଢେଙ୍କାନାଳ ସଦର, ୧୬।୫ (ସମିସ) :** ସଦର ବ୍ଲକ ଅନ୍ତର୍ଗତ ମଧୁସାହୁ ପାଟଣା ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ତଥା ସମାଜସେବୀ ପ୍ରିୟବ୍ରତ ନାୟକଙ୍କ ନେତୃତ୍ୱରେ ବିଜେପିର ବିଭୁ ପ୍ରସାଦ ପଣ୍ଡା, ଅଶୋକ ମହାପାତ୍ର, ଗୁଣ୍ଡିଚା ନାୟକ ପ୍ରମୁଖ ବିଜେପି କର୍ମୀ ବିଧାୟକ ସୁଧୀର କୁମାର ସାମଲଙ୍କ ଉପସ୍ଥିତିରେ ବିଜୁ ଜନତା ଦଳ ଢ଼େଙ୍କାନାଳରେ ବିଧିବଦ୍ଧ ଭାବେ ଯୋଗଦେଲେ। ସମାଜସେବୀ ସର୍ବେଶ୍ୱର ପ୍ରାଧାନ ସହଯୋଗ କରିଥିଲେ।

## ମା' ତାରିଣୀଙ୍କ ଜନ୍ମବାର୍ଷିକ ଯଜ୍ଞ ଉପଲକ୍ଷେ କଳସଯାତ୍ରା

**ଢେଙ୍କାନାଳ, ୧୬।୫ (ସମିସ) :** ସ୍ଥାନୀୟ ଗାନ୍ଧୀ ମନ୍ଦିର ରୋଡସ୍ଥିତ ମା' ତାରିଣୀଙ୍କ ୨୦ତମ ଜନ୍ମବାର୍ଷିକ ଯଜ୍ଞ ଉତ୍ସବ ଉପଲକ୍ଷେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରୁ ବଳରାମ ମନ୍ଦିର ପ୍ରାଙ୍ଗଣରୁ ପୂଜା ଅର୍ଚ୍ଚନା କରାଯାଇ ୨୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ କଳସ ଧରି ସହର ପରିକ୍ରମା କରି ମନ୍ଦିର ନିକଟକୁ ଆସିଥିଲେ। ପରେ ମା'ଙ୍କର ଅଧିବାସ ପୂଜା ଆରମ୍ଭ ହୋଇଥିଲା। ଏହି ଯଜ୍ଞ ଉତ୍ସବ ୩ଦିନ ଧରି ଅନୁଷ୍ଠିତ ହେବ। ଆସନ୍ତା ୧୮ ତାରିଖ ଦିନ ପୂର୍ଣ୍ଣାହୁତି ହେବ। ପୂଜକ ଲିଙ୍ଗରାଜ ପତି ଓ ମନ୍ଦିରର ପୂଜକ ଆପୁଲ ରଣା ସମସ୍ତ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। କର୍ତ୍ତାଭାବେ ନୀଳକଣ୍ଠ ଦୋରା ଓ ବ୍ରଜମୋହନ ସାହୁଙ୍କ ସମେତ ସଭାପତି ଅଭିମନ୍ୟୁ ବେହେରା, ସମ୍ପାଦକ ଜି ମନ୍ମଥ ରାଓ, ସଦସ୍ୟ କେଶବ ଚନ୍ଦ୍ର ବେହେରା, ନିରାକାର ପଟ୍ଟନାୟକ, ଶରତ ଚନ୍ଦ୍ର ମହାପାତ୍ର, ନରେନ୍ଦ୍ର ବାରିକ, ଶଶୀକାନ୍ତ ଦାସ, ରାଜୀବ ବସ୍ତିଆ, ଶୁଭେନ୍ଦୁ ପଟ୍ଟନାୟକ, ସୁଶାନ୍ତ କୁମାର ବେହେରା, ଟୁନା ହୋତା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଜନବସତିରେ ମୋବାଇଲ ଟାୱାର

## ବାରଣ ସତ୍ତ୍ୱେ କେହି ମାନୁନାହାନ୍ତି; ମାରାତ୍ମକ ରୋଗକୁ ଆମନ୍ତ୍ରଣ

**ଢେଙ୍କାନାଳ, ୧୬।୫ (ସମିସ) :** ଢେଙ୍କାନାଳ ପୌରାଞ୍ଚଳର ଜନବସତି ଅଞ୍ଚଳର ବିଭିନ୍ନ ୱାର୍ଡରେ ମୋବାଇଲ ଟାୱାରଗୁଡିକ ଲଗାଯାଇଛି। ଫଳରେ ଏହା ଲୋକମାନେ ବିଭିନ୍ନ ମାରାତ୍ମକ ରୋଗର ଶିକାର ହେବା ସହିତ ଜନଜୀବନ ଓ ପଶୁପକ୍ଷୀଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ମୋବାଇଲ ଟାୱାରର ରେଡିଏସନ ମାରାତ୍ମକ କର୍କଟ ରୋଗକୁ ଡାକିଆଣିବାର ଆଶଙ୍କା କରାଯାଉଛି। ଜିଲ୍ଲାରେ ୨୦୧୧ ଜନସଂଖ୍ୟା ଅନୁସାରେ ୧୧ ଲକ୍ଷ ୯୨ ହଜାର ୮୮୧ ଲୋକ ବସବାସ କରୁଥିବା ଜଣାପଡ଼ିଛି। ଜିଲ୍ଲାରେ ମୋଟ ୮ଟି ବ୍ଲକ ରହିଥିବା ବେଳେ ୨୧୨ଟି ଗ୍ରାମ ପଞ୍ଚାୟତ ଓ ୧ ହଜାର ୮୧ଟି ଗ୍ରାମ ରହିଛି। ଏହି ଗ୍ରାମଗୁଡିକରେ ଯେଉଁଠି ଦେଖିବ ସେଠି ବିଭିନ୍ନ ଟେଲିକମ ସଂସ୍ଥାର ମୋବାଇଲ ଟାୱାର ନିର୍ମାଣ କରାଯାଇଛି। ସ୍ଥାନୀୟ ବାସିନ୍ଦା କିଛି ନବୁଝି ମୋଟା ଅଙ୍କର ଅର୍ଥ ଲୋଭରେ ଏହି ଟାୱାର ନିର୍ମାଣ କରିବାକୁ



ଅନୁମତି ଦେଉଛନ୍ତି। କିନ୍ତୁ ତଥ୍ୟ ଅନୁସାରେ ଏହି ଟାୱାରରୁ ଯେଉଁ ଇଲେକ୍ଟ୍ରୋ ମ୍ୟାଗନେଟିକ ବିକିରିଣ ସୃଷ୍ଟି ହୋଇଥାଏ , ତାହା ୩ଶହ ମିଟର ବ୍ୟାସାର୍ଦ୍ଧରେ ରହୁଥିବା ଜନସାଧାରଣଙ୍କ ଜୀବନ ପ୍ରତି ଘୋର ବିପଦ ସୃଷ୍ଟିକରିବ। ଏହି ବିକିରଣ ଯୋଗୁ ସ୍ମୃତିଶକ୍ତିରେ ହ୍ରାସ ହେବା ସହିତ ମୁଣ୍ଡବ୍ୟଥା, ନିଦ୍ରାହୀନତା, ଜେନିଟିକ ସମସ୍ୟା, ରିପ୍ରଡକ୍ଟିଭ ସିଷ୍ଟମରେ ସମସ୍ୟା, ହଜମ ଶକ୍ତି ହ୍ରାସ ଏପରିକି କ୍ୟାନସର ହେବାର ଆଶଙ୍କା ରହିଥାଏ। ଇଲେକ୍ଟ୍ରୋ ମ୍ୟାଗନେଟିକ ରେଡିଏସନ ଦ୍ୱାରା ମୋବାଇଲ ଟାୱାର ନିକଟରେ ରହୁଥିବା ଜନସାଧାରଣଙ୍କ ମଧ୍ୟରେ ଦୁଇ ପ୍ରକାର ରୋଗ ଦେଖାଯାଇଥାଏ। କିଛି ଲୋକଙ୍କ ମୋତିଆବିନ୍ଦୁ ହେବା ସହିତ ଏକାଗ୍ରତାରେ ହ୍ରାସ ହୋଇଥାଏ। ମୋବାଇଲ ଟାୱାର ନିକଟରେ ରହୁଥିବା ଶିଶୁ ଏବଂ ଗର୍ଭବତୀ ମହିଳାମାନଙ୍କ ମଧ୍ୟରେ ଅଧିକ ପ୍ରଭାବ ପଡ଼ିଥାଏ। ମା' ଗର୍ଭରେ ଥିବା ଶିଶୁର ମସ୍ତିଷ୍କ ଖପୁରୀ ହାଡ଼ ହ୍ରାସ ପାଇଥାଏ। ଭାରତରେ ପ୍ରତି ବର୍ଗ କିଲୋମିଟର ମଧ୍ୟରେ ୯.୨ ୱାଟର ରେଡିଏସିନ ବା ବିକିରଣ ହୋଇଥାଏ, ଯାହା ଅନ୍ୟ ଦେଶଠାରୁ ଯଥେଷ୍ଟ ଅଧିକ ବୋଲି ଗବେଷଣାରୁ ଜଣାପଡ଼ିଛି। ଇଣ୍ଟରନାସନାଲ ଏଜେନ୍ସି ଫର ରିସର୍ଚ୍ଚ ଅନ କ୍ୟାନସର ପ୍ରକାଶ କରିଛି ଯେ, ଏହି ବିକିରଣ ଦ୍ୱାରା କ୍ୟାନସର ହେବା ଭଳି ସବଷ୍ଟାନ୍ସ ରହିଥାଏ। ଏହି ରିସର୍ଚ୍ଚ ପେପରରେ ଜନବସତି ଅଞ୍ଚଳରେ ମୋବାଇଲ ଟାୱାର ବସାଇବାକୁ ସମ୍ପୂର୍ଣ୍ଣ ଭାବରେ ନିଷେଧ କରିବା ସହିତ ଜନସାଧାରଣ ନିଜ ଜୀବନକୁ ବିପଦରେ ନ ପକାଇବାକୁ କୁହାଯାଇଛି। ମୋବାଇଲର ବହୁଳ ବ୍ୟବହାର ଦ୍ୱାରା ବିଭିନ୍ନ ଟେଲିକମ କମ୍ପାନୀ ଜନଗହଳି ଇଲାକାରେ ମୋବାଇଲ ଟାୱାର ବସାଉଛନ୍ତି। ନୀତି ନିୟମକୁ ଉଲ୍ଲଙ୍ଘନ କରି ଏହା ନିର୍ମାଣ କରାଯାଉଥିବା ଜଣାପଡ଼ିଛି। ପୌରାଞ୍ଚଳରେ ଶତାଧିକ ମୋବାଇଲ ଟାୱାର ରହିଛି। ସୁପ୍ରିମ କୋର୍ଟର ନିୟମକୁ ଉଲ୍ଲଙ୍ଘନ କରି ହଜାର ହଜାର ମୋବାଇଲ ଟାୱାର କରାଯାଇଥିବା ଯୋଗୁ ବହୁ କ୍ଷତି ଘଟୁଛି।

● ବିଜେପି ପାଇଁ ପ୍ରଚାର କରୁଛନ୍ତି ଯବାନ

## ବିଜେପି ଗୁଣ୍ଡାରାଜ୍ ଛାଡୁ; ସୁଧୀର

**ଢେଙ୍କାନାଳ, ୧୬।୫ (ସମିସ) :** ଢେଙ୍କାନାଳ ଜିଲ୍ଲାରେ ବିଜେପି ପାଇଁ ୧୨୦ ବାଟାଲିୟନର ଜଣେ ସାମରିକ ଯବାନ ପ୍ରଚାର କରିବା ନେଇ ବିଜେଡି ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲ ଅଭିଯୋଗ କରିଛନ୍ତି। ସାମରିକ କର୍ମଚାରୀ ଜଣକ ଭାଜପା ପତାକା ଧରି ଭାଜପା ନେତାମାନଙ୍କ ସହିତ ମିଶି ଭୋଟ ଦେବାକୁ ଲୋକଙ୍କୁ କହୁଛନ୍ତି। ସଦର ବ୍ଲକ ତାଳବରକୋଟ ଅଞ୍ଚଳରେ ସେନା ବାହିନୀରେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀ ବିଜେଡି କର୍ମୀଙ୍କୁ ଭୟଭୀତ କରିବା ସହିତ ବିଜେପିକୁ ଭୋଟ ଦେବାକୁ କହୁଛନ୍ତି। ସେହିପରି ଶୁଆଖାଇକାଟେଣୀ, କାଇମାଟି ଅଞ୍ଚଳରେ ମଧ୍ୟ ବିଜେପି ବିଜେଡି କର୍ମୀମାନଙ୍କୁ ଭୟଭୀତ କରୁଥିବା ଅଭିଯୋଗ କରିଥିଲେ। ବିଜେପି ନିଜ ଇସ୍ତାହାରକୁ ନେଇ ନିଜର ପ୍ରଚାର କରୁ, ବିଜେଡି ତା'ର ଇସ୍ତାହାରକୁ ନେଇ ପ୍ରଚାର କରୁଛି। କିନ୍ତୁ ଗୁଣ୍ଡାରାଜ ଛାଡ଼ନ୍ତୁ ବୋଲି ରୋକଠୋକ ଭାବରେ ବିଜେଡିର ସୁଧୀର ସାମଲ କହିଥିଲେ। ଏଭଳି ଗୁଣ୍ଡାରାଜ ଯୋଗୁ ଭୋଟରମାନେ ତାଙ୍କୁ ପାଞ୍ଚ ପାଞ୍ଚ ଥର ପ୍ରତ୍ୟାଖ୍ୟାନ କରିଥିବା ମଧ୍ୟ ସେ କହିଥିଲେ। ଘଟଣା ସମ୍ପର୍କରେ ସେ ପ୍ରଶାସନକୁ ଅବଗତ କରାଯାଇଥିବାର ପ୍ରକାଶ କରିବା ସହିତ ବିଭାଗୀୟ ଅଧିକାରୀ ମଧ୍ୟ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ବିଜେପି ବିଜେଡିର ଅଭିଯୋଗକୁ ଏକ ସାମ୍ବାଦିକ ସମ୍ମିଳନୀରେ ଖଣ୍ଡନ କରିଛି।

# ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସଙ୍କ ଘରବାହୁଡ଼ା

## ଶଙ୍ଖ ଫୁଙ୍କିଲେ ଶତାଧିକ ସମର୍ଥକ

**ଭୁବନେଶ୍ୱର, ୧୬।୫(ସମିସ):** ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଧାମନଗର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ବିଜେପି ନେତା ରାଜେନ୍ଦ୍ର କୁମାର ଦାସ ଆଜି ବିଜୁ ଜନତା ଦଳକୁ ଫେରିଛନ୍ତି। ଶ୍ରୀ ଦାସଙ୍କ ସହ ଶତାଧିକ ବିଜେପି କର୍ମୀ ଓ କର୍ମକର୍ତ୍ତାମାନେ ବିଜେଡିରେ ସାମିଲ ହୋଇଛନ୍ତି। ଆଜି ଶଙ୍ଖଭବନଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ଯାଜପୁର ବିଜେଡି ଜିଲ୍ଲା ସଭାପତି ସୂରଜ କୁମାର ମହାପାତ୍ର, ଧାମନଗର ଜୋନ ନଂ ୧୩ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ମଲ୍ଲିକ, ଧାମନଗର ବ୍ଲକ ବିଜେଡି ସଭାପତି ଉମେଶ ମହାନ୍ତି ଶ୍ରୀ ଦାସ ଏବଂ ତାଙ୍କ ସମର୍ଥକମାନଙ୍କୁ ଦଳରେ ସ୍ୱାଗତ କରିଥିଲେ। ଶ୍ରୀ ଦାସଙ୍କ ଯୋଗଦାନ ଫଳରେ ବିଶେଷକରି ଧାମନଗର ନିର୍ବାଚନମଣ୍ଡଳୀ ସହ ଭଦ୍ରକ ଲୋକସଭା କ୍ଷେତ୍ରରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଉପସ୍ଥିତ ନେତୃବୃନ୍ଦ ବିଶ୍ୱାସବ୍ୟକ୍ତ କରିଥିଲେ। ଏହି ଅବସରରେ ବିଜେଡିରେ ସାମିଲ୍ ହୋଇଥିବା ରାଜେନ୍ଦ୍ର କୁମାର ଦାସ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ ପୂର୍ବରୁ ମୁଁ ବିଜେଡିରେ ଥିଲି। କିନ୍ତୁ କୌଣସି କାରଣବଶତଃ ବିଜେପିରେ ଯୋଗ ଦେଇଥିଲି। ତେବେ ବିଜେପିରେ ଯେଉଁ ଅରାଜକତା, ସ୍ୱେଚ୍ଛାଚାରିତା ଚାଲିଛି ତାହା ମୋତେ ଚକିତ କରିଥିଲା। ଗୋଡ଼ଟଣା ନୀତିରେ ବିଜେପି ନେତା ବ୍ୟସ୍ତ। ସବୁବେଳେ ନିଜ ସ୍ୱାର୍ଥ ଛଡ଼ା ସେମାନେ ଆଉ କିଛି ଜାଣନ୍ତି ନାହିଁ। ଏପରି ପରିସ୍ଥିତି ଭିତରେ କାମ କରିବା ମୋ ପକ୍ଷରେ ଅସମ୍ଭବ ହୋଇପଡ଼ିଥିଲା। ତେଣୁ ବିଜେପି ଛାଡ଼ି ଆଜି ମୋର ବିଜେଡିକୁ ଘରବାହୁଡ଼ା ହେଉଛି। ଆଗାମୀ ଦିନରେ ଭଦ୍ରକ ଜିଲ୍ଲାର ପ୍ରତ୍ୟେକ ନିର୍ବାଚନମଣ୍ଡଳୀର ବିଜେଡି ବିପୁଳ ବିଜୟ ହାସଲ କରିବ। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେ କହିଥିଲେ। ଏହି ମିଶ୍ରଣ ପର୍ବରେ ସଞ୍ଜୀବ କୁମାର ମଲ୍ଲିକ, ସୋମାଲିସ ଦାସ, ସିଦ୍ଧାର୍ଥ ବାରିକ, ରତିକାନ୍ତ ମଲ୍ଲିକ, ଓ ଗଣେଶ୍ୱର ବେହେରାଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

**ବିଜେପିରେ ରହି କାମ କରିବା ଅସମ୍ଭବ**

# ବିଜେପି ଦେଶ ପାଇଁ ବିପଦ: ଖଡ଼୍‌ଗେ

**ଫୁଲବାଣୀ, ୧୬।୫(ସମିସ):** ବିଜେପି ଦେଶ ପାଇଁ ବିପଦ। ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ସମୟରେ ସମ୍ବିଧାନ ବିପଦରେ ପଡ଼ିଛି। ଆଦିବାସୀଙ୍କ ଜଳ, ଜମି ଓ ଜଙ୍ଗଲକୁ ବିଜେପି ସରକାର ବେପାରୀଙ୍କ ହାତକୁ ଟେକି ଦେଇଛି। ଭାରତ ବର୍ଷରେ ବିଜେପି ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରିଛି ବୋଲି ଫୁଲବାଣୀରେ ଦଳୀୟ ପ୍ରଚାର ସମାବେଶରେ ଗର୍ଜିଛନ୍ତି ଜାତୀୟ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ।

ସେ କହିଛନ୍ତି ଯେ କଂଗ୍ରେସ ଦଳ ଦେଶକୁ ସ୍ୱାଧୀନତା ସହିତ ସମ୍ବିଧାନ ଦେଇଛି । ଗଣତନ୍ତ୍ରକୁ ସୁରକ୍ଷିତ କରିଛି, ଆଦିବାସୀ,ହରିଜନ ଓ ଦଳିତଙ୍କୁ ସଂରକ୍ଷଣ ଦେଇଛି । ବିଜେପି ସରକାରର ଦଶ ବର୍ଷର ଶାସନ ଆମ ସମ୍ବିଧାନ ପ୍ରତି ବିପଦ ସୃଷ୍ଟି କରିଛି। ତେଣୁ ମୋଦି ସରକାରକୁ ହଟାଇ ସମ୍ବିଧାନ ଓ ଲୋକତନ୍ତ୍ରକୁ ବଞ୍ଚାଇବା ପାଇଁ ସମସ୍ତେ ଅଣ୍ଟା ଭିଡ଼ିବା ଆବଶ୍ୟକ। ସାମାଜିକ ନ୍ୟାୟ ପ୍ରତି କଂଗ୍ରେସ ଦଳର ପ୍ରତିବଦ୍ଧତା ଉଲ୍ଲେଖ କରି କନ୍ଧମାଳ ଆଗାମୀ ନିର୍ବାଚନରେ ସାମାଜିକ ନ୍ୟାୟର କୁରୁକ୍ଷେତ୍ର ହେବ ବୋଲି ସେ କହିଛନ୍ତି। ଏହି ଅବସରରେ ସେ କଂଗ୍ରେସର ନିର୍ବାଚନ ଇସ୍ତାହାର ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ ମହିଳା, ଯୁବଗୋଷ୍ଠୀ, ଦଳିତ, ଆଦିବାସୀ ଓ ଆର୍ôଥକ ଅନଗ୍ରସରଙ୍କ ପାଇଁ ରାହୁଳ ଗାନ୍ଧୀଙ୍କ ୫ ଗ୍ୟାରେଣ୍ଟିର ଉଲ୍ଲେଖ କରିଥିଲେ। କନ୍ଧମାଳ ଜିଲ୍ଲାକୁ ରେଳପଥ ସଂଯୋଗ ପ୍ରସଙ୍ଗ ଉଠାଇ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଥିଲେ ଖଡ଼୍‌ଗେ। ଦଶ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଓଡ଼ିଶା ପାଇଁ କଣ କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିଭଳି ଆଦିବାସୀଙ୍କ ପ୍ରସଙ୍ଗ ଉପସ୍ଥାପନ କରି ଖଡ଼୍‌ଗେ କହିଛନ୍ତି, ବିଜେପି ସରକାର ଆଦିବାସୀଙ୍କ ଜଳ,ଜମି ଓ ଜଙ୍ଗଲକୁ ବେପାରୀ ମାନଙ୍କ ହାତକୁ ଟେକି ଦେଇଛି। ଗତ ବର୍ଷ ମାନଙ୍କରେ ଆଦିବାସୀଙ୍କ ବିରୋଧରେ ଅପରାଧ ହାରରେ ୪୫ ପ୍ରତିଶତ ବୃଦ୍ଧି ଘଟିଛି । କେନ୍ଦ୍ରରେ ଇଣ୍ଡିଆ ମେଣ୍ଟ ସରକାର ଆସିଲେ ପେସା ଆଇନକୁ ସମ୍ପୂର୍ଣ୍ଣ ଭାବେ ଲାଗୁ କରାଯିବ। କନ୍ଧମାଳ ହଳଦୀ ସମେତ ସମସ୍ତ ଲଘୁ ବନଜାତ ସାମଗ୍ରୀ ପାଇଁ ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ ପାଇଁ ଆଇନ ପ୍ରଣୟନ କରାଯିବ ବୋଲି ଘୋଷଣା କରିଛନ୍ତି। କୃଷି କ୍ଷେତ୍ରକୁ ସମ୍ପୂର୍ଣ୍ଣ ରୂପେ ଜିଏସଟି ମୁକ୍ତ କରାଯିବ ଓ ନୂତନ ଆମଦାନୀ-ରପ୍ତାନୀ ନିୟମ ପ୍ରଣୟନ ହେବ ବୋଲି ସେ କହିଛନ୍ତି। କନ୍ଧମାଳକୁ ଶାନ୍ତି ଓ ସଂହତିର ମାଟି ବୋଲି ବର୍ଣ୍ଣନା କରି ଏହାକୁ ଭଙ୍ଗ କରିବା ପାଇଁ ଅତୀତରେ ବିଜେପି ପକ୍ଷରୁ ଅପଚେଷ୍ଟା କରାଯାଇଥିବା ଅଭିଯୋଗ କରିଥିଲେ ଖଡ଼୍‌ଗେ। ସେହିଭଳି ବିଜେପି ସରକାର ସମୟରେ ଦରଦାମ ବୃଦ୍ଧି, ବେରୋଜଗାରୀ, ସାମ୍ପ୍ରଦାୟିକତା ଭଳି ସମସ୍ତ ପ୍ରସଙ୍ଗ ଦୋହରାଇଛନ୍ତି କଂଗ୍ରେସ ଅଧ୍ୟକ୍ଷ। ଆସନ୍ତା ନିର୍ବାଚନରେ ଇଣ୍ଡିଆ ମେଣ୍ଟ କେନ୍ଦ୍ରରେ ସରକାର ଗଢିବ ବୋଲି ଦୃଢୋକ୍ତି ପ୍ରକାଶ କରିବା ସହିତ କନ୍ଧମାଳ ସାଂସଦ ଏବଂ ସମସ୍ତ ବିଧାନସଭା ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। କନ୍ଧମାଳ ଲୋକସଭା ଆସନ ପ୍ରାର୍ଥୀ ଅମୀରଚାନ୍ଦ ନାୟକ, ଫୁଲବାଣୀ ବିଧାନସଭା ପ୍ରାର୍ଥୀ ପ୍ରତିଭା କହଁର, ବାଲିଗୁଡା ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନ, ଜି.ଉଦୟଗିରି ପ୍ରାର୍ଥୀ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଦଶପଲ୍ଲା ପ୍ରାର୍ଥୀ ନକୁଳ ନାୟକ, ବୌଦ୍ଧ ପ୍ରାର୍ଥୀ ନବ କୁମାର ମିଶ୍ର, କଣ୍ଟାମାଳ ପ୍ରାର୍ଥୀ ସରୋଜ ପ୍ରଧାନ ଓ ଭଞ୍ଜନଗର ପ୍ରାର୍ଥୀ ପ୍ରଶାନ୍ତ ବିଷୋୟୀଙ୍କ ସମେତ ବରିଷ୍ଠ ନେତା ରାମଚନ୍ଦ୍ର ଖୁଣ୍ଟିଆ ଏହି ଜନସଭାକୁ ସମ୍ବୋଧିତ କରିଥିଲେ। ସ୍ଥାନୀୟ କରୋନେସନ ପଡିଆରେ ଆୟୋଜିତ ଏହି ଜନସଭାରେ ତେଲେଙ୍ଗାନା ଉପ ମୁଖ୍ୟମନ୍ତ୍ରୀ ବିକ୍ରମ ଭାଟି ମଲ୍ଲ, ପିସିସି ସଭାପତି ଶରତ ପଟ୍ଟନାୟକ, ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଏଆଇସିସି ପର୍ଯ୍ୟବେକ୍ଷକ ଚୌଧୁରୀ ସାହନୱାଜ ହୁସେନ, ମୀନାକ୍ଷୀ ନଟରାଜନ, କନ୍ଧମାଳ ଜିଲ୍ଲା ସଭାପତି ଚନ୍ଦ୍ର ଶେଖର ପରିଡା ଓ ପୂର୍ବତନ ସାଂସଦ ରାଧାକାନ୍ତ ଦିଗାଲ ଉପସ୍ଥିତ ଥିଲେ।

**ରେଳ ସଂଯୋଗରୁ ଫୁଲବାଣୀକୁ ବଞ୍ଚିତ କରିଛନ୍ତି କେନ୍ଦ୍ରର ବିଜେପି ସରକାର**

**ବିଜେପି ଆଦିବାସୀଙ୍କ ଜଳ, ଜମି ଓ ଜଙ୍ଗଲକୁ ବେପାରୀଙ୍କୁ ଟେକି ଦେଇଛି**

**ଅତୀତରେ ଶାନ୍ତିପ୍ରିୟ କନ୍ଧମାଳର ଶାନ୍ତି ଓ ସଂହତି ନଷ୍ଟ କରିଛି ବିଜେପି**

# ଅବଶିଷ୍ଟାଂଶ...

## ସୂର୍ଯ୍ୟଙ୍କୁ ମହମବତି...

ଓଡ଼ିଶାର ପରମ୍ପରା ସଂସ୍କୃତି ସେମାନେ ଜାଣି ନାହାନ୍ତି, ଶ୍ରଦ୍ଧା ଓ ସମ୍ମାନର ଅର୍ଥ ବୁଝି ନାହାନ୍ତି । ଓଡ଼ିଶାବାସୀ ମୁଖ୍ୟମନ୍ତ୍ରୀଙ୍କୁ କେତେ ଭଲ ପାଆନ୍ତି, ତାର ସେମାନେ ଆକଳନ କରିନାହାନ୍ତି । ସେମାନେ ଏପଟେ ଓଡ଼ିଆ ଅସ୍ମିତାର କଥା କହୁଛନ୍ତି, କିନ୍ତୁ ସେପଟେ ଓଡ଼ିଶାର ସବୁଠାରୁ ଜନପ୍ରିୟ ନେତା ତଥା ମହାନାୟକଙ୍କୁ ଗାଳି ଦେଉଛନ୍ତି। ଏକ ସମୟରେ ବିଜେପୁରରେ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଚପଲ ଫୋପାଡି ଥିଲେ; ବିଜେପୁରର ଜନସାଧାରଣ ତାହାର ଉତ୍ତର ଭୋଟରେ ଦେଲେ। ସେମାନେ ୪୫ ହଜାର ଭୋଟରେ ହାରିଲେ। ପୁରୀ ପରିକ୍ରମା ପ୍ରକଳ୍ପବେଳେ ମଧ୍ୟ ଅଣ୍ଟାମାଡ଼ କରିଥିଲେ। ସମଗ୍ର ରାଜ୍ୟବାସୀ ଏହାର ଜବାବ ଦେଲେ। ସେମାନେ ୩୦ରୁ ୩୦ ଜିଲ୍ଲା ପରିଷଦରେ ହାରିଲେ। ତଥାପି ସେମାନେ ନିଜ ଭୁଲରୁ କିଛି ଶିଖୁ ନାହାନ୍ତି ବୋଲି ଶ୍ରୀ ପାଣ୍ଡିଆନ୍ କଟାକ୍ଷ କରିଛନ୍ତି।

କଣ୍ଟାବାଞ୍ଜିରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଏଠାରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇଛନ୍ତି । ଆପଣମାନେ ନୂଆ ଓଡ଼ିଶାର ବିନ୍ଧାଣୀ ନବୀନ ପଟ୍ଟନାୟକଙ୍କୁ ଆଶୀର୍ବାଦ କରନ୍ତୁ। କଣ୍ଟାବାଞ୍ଜି ସାରା ଓଡ଼ିଶାରେ ବିଜୟର ସବୁ ରେକଡର୍ ଭାଙ୍ଗୁ, ଇତିହାସ ସୃଷ୍ଟି କରୁ। ନବୀନ ପଟ୍ଟନାୟକଙ୍କ ବିଜୟର ମାର୍ଜିନ ସବୁ ରେକର୍ଡ ଭାଙ୍ଗୁ, ଇତିହାସ ସୃଷ୍ଟି କରୁ। ସମସ୍ତେ କ୍ଷମତା ପାଇଁ ଆସନ୍ତି, କିନ୍ତୁ ସେବା ହିଁ ଆମ ମୁଖ୍ୟମନ୍ତ୍ରୀଙ୍କ ଏକମାତ୍ର ମନ୍ତ୍ର । ରାଜ୍ୟର ବିଭିନ୍ନ ଅଞ୍ଚଳରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୁଅନ୍ତୁ ବୋଲି ଅନେକ ପ୍ରସ୍ତାବ ଆସିଥିଲା, ମାତ୍ର ମୁଖ୍ୟମନ୍ତ୍ରୀ ନିଜେ କଣ୍ଟାବାଞ୍ଜିକୁ ବାଛିଲେ। ତାଙ୍କ ହୃଦୟରେ ରହିଛି କଣ୍ଟାବାଞ୍ଜିର ବିକାଶ, କଣ୍ଟାବାଞ୍ଜି ବାସିନ୍ଦାଙ୍କ ଉନ୍ନତି। ନବୀନ ପଟ୍ଟନାୟକଙ୍କ ସରକାର ହେଉଛି ଆପଣମାନଙ୍କ ସରକାର। ଏ ସରକାରରେ ଆପଣମାନଙ୍କ ବହୁତ ବଡ଼ ଭୂମିକା ରହିଛି। ଜୁନ ୯ ତାରିଖରେ ନବୀନ ପଟ୍ଟନାୟକ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ମୁଖ୍ୟମନ୍ତ୍ରୀ ପ୍ରଥମ ଦସ୍ତଖତରେ ଓଡ଼ିଶାର ୯୦ ପ୍ରତିଶତ ପରିବାରର ବିଜୁଳି ବିଲ ଛାଡ଼ କରିବେ। ଦ୍ୱିତୀୟ ଦସ୍ତଖତରେ ସମସ୍ତେ ବିଏସ୍‌କେୱାଇ ନବୀନ କାର୍ଡରେ ସାମିଲ ହେବେ। ତୃତୀୟ ଦସ୍ତଖତରେ ୬୦ ବର୍ଷ ପରେ ମିଶନ ଶକ୍ତି ର ସଭ୍ୟ ଓ କର୍ମୀ ମାନଙ୍କ ପାଇଁ ନେସନ୍ ବ୍ୟବସ୍ଥା କରିବେ। ଏହି ତିନୋଟି ଦସ୍ତଖତ ଓଡ଼ିଶାକୁ ରୂପାନ୍ତରିତ କରିବ ଓ ସଶକ୍ତ କରିବ, ସମସ୍ତଙ୍କ ମୁହଁରେ ହସ ଫୁଟାଇବ। ମୁଖ୍ୟମନ୍ତ୍ରୀଙ୍କ ମାଗଣା ବିଜୁଳି ଘୋଷଣା ଶୁଣି ବିରୋଧିଙ୍କୁ କରେଣ୍ଟ ମାରିଲାଣି ଓ ସେମାନଙ୍କ ମୁଣ୍ଡ ଖରାପ ହେଲାଣି ବୋଲି ସେ କଟାକ୍ଷ କରିଛନ୍ତି।

ବିଏସ୍‌କେୱାଇ ଓ ଆୟୁଷ୍ମାନ ମଧ୍ୟରେ ତୁଳନା କରି ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ବିଜେପି ଆୟୁଷ୍ମାନ ରେକଡର୍ ବଜାଉଛି। ବିଏସ୍‌କେୱାଇ ବନ୍ଦ କରି ଆୟୁଷ୍ମାନ କାର୍ଯ୍ୟକାରୀ କରିବାକୁ ଘୋଷଣା କରିଛି। ମାତ୍ର ବିଏସ୍‌କେୱାଇରେ ୯୦ ପ୍ରତିଶତ ପରିବାର ଉପକୃତ ହେଉଥିବାବେଳେ ଆୟୁଷ୍ମାନରେ ହେବେ ୪୦ ପ୍ରତିଶତ ପରିବାର। ଆଉ ୫୦ ପ୍ରତିଶତ ପରିବାର କୁଆଡ଼େ ଯିବେ ? ବିଏସ୍‌କେୱାଇରେ ମାସକୁ ଖର୍ଚ୍ଚ ହେଉଛି ୩୦୦ କୋଟି ଟଙ୍କା, ଆୟୁଷ୍ମାନରେ ବର୍ଷକୁ ୩୦୦ କୋଟି। ବିଏସ୍‌କେୱାଇରେ ପ୍ରତିମାସରେ ରାଜ୍ୟ ବାହାର ଚିକିତ୍ସା ପାଇଁ ଖର୍ଚ୍ଚ ହେଉଛି ୫୦ କୋଟି ଟଙ୍କା। ବିଏସ୍‌କେୱାଇ ଗୋଟିଏ ଏଟିଏମ୍ କାର୍ଡ ଭଳି। ସାରା ଭାରତରେ ଯେଉଁଠି ଚାହିଁବେ ବିନା ମୂଲ୍ୟରେ ଚିକିତ୍ସା ପାଇବେ, କିନ୍ତୁ ଆୟୁଷ୍ମାନ ଯୋଜନାରେ ବୀମା କମ୍ପାନୀ ପୋଷା ହେଉଛନ୍ତି ବୋଲି ସେ କହିଛନ୍ତି।

ଶ୍ରୀ ପାଣ୍ଡିଆନ ପୁଣି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଗାମୀ ୧୫ ବର୍ଷର କାମ ୧୫ ମାସରେ ହେବ। ଅନ୍ୟମାନେ ଆସି ବଡ଼ ବଡ଼ କଥା କହିବେ କିନ୍ତୁ କାମ କରିବେ ନାହିଁ। ଏହାର ଅନେକ ଉଦାହରଣ ରହିଛି । ଦରଦାମ କମିବ ବୋଲି ପ୍ରତିଶ୍ରୁତି ଦେଇ ସେମାନେ କେନ୍ଦ୍ରରେ ସରକାର ଗଢ଼ିଲେ। ମାତ୍ର ଦରଦାମ କମିଲା କି? ଏଲପିଜି ପେଟ୍ରୋଲ, ଡିଜେଲ ଦର କମେଇବେ ବୋଲି କହିଥିଲେ। କମିଲା କି ? ରୋଜଗାର ବଢ଼େଇବେ ବୋଲି କହିଥିଲେ, ବଢ଼ିଲା କି ? ବିଜେପି କହୁଛି ସୋଲାର ପ୍ୟାନେଲ ମାଧ୍ୟମରେ ମାଗଣା ବିଜୁଳି ଦେବ, ଏଥିପାଇଁ ଆପଣ ୫୦ ହଜାର ଟଙ୍କା ଖର୍ଚ୍ଚ କରିବେ। ତା'ପରେ ସୂର୍ଯ୍ୟ କିରଣରୁ ପାଇବେ ମାଗଣା ବିଜୁଳି। ଏମାନେ ଆପଣମାନଙ୍କୁ ଦିନରେ ଲଣ୍ଠନ ଦେଖାଉଛନ୍ତି ବୋଲି ଉଲ୍ଲେଖ କରି ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଛନ୍ତି । ଏହି ଅବସରରେ ବଲାଙ୍ଗୀର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ, ଟିଟିଲାଗଡ଼ ବିଧାୟକ ପ୍ରାର୍ଥୀ ଟୁକୁନି ସାହୁ, ପାଟଣାଗଡ଼ର ବିଧାୟକ ପ୍ରାର୍ଥୀ ସରୋଜ ମେହେର ଏବଂ ଲୋଇସିଂହାର ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା ପ୍ରମୁଖ ବିଜୁ ଜନତା ଦଳର ସମସ୍ତ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ନିବେଦନ କରିଛନ୍ତି ।

ବିଭିନ୍ନ ସ୍ଥାନରେ ଲୋକଙ୍କୁ ବିକାଶ କାମର ଚିତ୍ର ଉପସ୍ଥାପିତ କରି ସେ କହିଲେ ଯେ ସଇଁତଲାକୁ ଏନ୍.ଏ.ସି. ମାନ୍ୟତା ଦିଆଯାଇଛି, ୨.୫୦ କୋଟି ଟଙ୍କା ବିନିଯୋଗରେ ତୁଷୁରା ସମଲେଇ ମନ୍ଦିର ବିକାଶ କାର୍ଯ୍ୟ ଜାରି ରହିଛି, ଜଳସେଚନର ବିକାଶ ପାଇଁ ବହୁତ ବଡ଼ ବଡ଼ ପ୍ରକଳ୍ପ ନିର୍ମାଣ କରାଯାଇଛି ଏବଂ ଆଗକୁ ମଧ୍ୟ ଆହୁରି ପ୍ରକଳ୍ପ ନିର୍ମାଣ ହେବ। ପାଟଣାଗଡ଼ ସମାବେଶରେ ସେ କହିଲେ ଯେ ବାବା ହରିଶଙ୍କର ମନ୍ଦିରର ବିକାଶ ପାଇଁ ୨୮ କୋଟି ଟଙ୍କା, ପାଟଣାଗଡ଼ ବାଇପାସ୍ ରାସ୍ତା ପାଇଁ ୧୪୦ କୋଟି ଟଙ୍କା ଏବଂ ପାଟଣାଗଡ଼ର ୯ଟି ପଞ୍ଚାୟତକୁ ପିଇବା ପାଣି ପାଇଁ ୧୫୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଯୋଗାଇ ଦେଇଛନ୍ତି ଏବଂ ଏସବୁ କାର୍ଯ୍ୟ ଜାରି ରହିଛି। ପାଟଣାଗଡ଼ର ପ୍ରତ୍ୟେକ ହାଇସ୍କୁଲ ଓ କଲେଜର ରୂପାନ୍ତରଣ ହୋଇଛି, ବେଲପଡ଼ାକୁ ଏନ୍ଏସ୍‌ସି ମାନ୍ୟତା ମିଳିଛି। ସେହିପରି କଣ୍ଟାବାଞ୍ଜିକୁ ମ୍ୟୁନସିପାଲଟି ଓ ସିନ୍ଧେକେଲାକୁ ଏନ୍ଏସି ମାନ୍ୟତା ମିଳିଛି। ଲୋଇସିଂହାକୁ ଏନ୍ଏସି ମାନ୍ୟତା, ଚଟମଖନା ଆଡ଼ିବନ୍ଧ ପାଇଁ ୧୫୦ କୋଟି ଏବଂ କୁଟାସିଂହ ଆଡ଼ିବନ୍ଧ ପାଇଁ ୨୫୦ କୋଟି ଟଙ୍କା ଯୋଗାଇ ଦିଆଯିବା ସହିତ ଜଳସେଚନ ଓ ପାନୀୟ ଜଳ ପାଇଁ ବହୁତ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ, ମଧ୍ୟ କାର୍ଯ୍ୟକ୍ଷମ ହୋଇଛି। ଶ୍ରୀ ପାଣ୍ଡିଆନ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀମାନଙ୍କୁ ରେକର୍ଡ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ।

## ଅତଡ଼ା ଖସି...

କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସ୍ଥାନୀୟ ପୁଲିସ ଓ ଶ୍ରମ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

ସୂଚନା ମୁତାବକ, କପିଳା ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପ ପାଇଁ ଏଲ ଏଣ୍ଡ ଟି କମ୍ପାନୀକୁ ଟେଣ୍ଡର୍ ମିଳିଥିଲା। ଉକ୍ତ କମ୍ପାନୀ ଅନ୍ୟ ଏକ କମ୍ପାନୀ କୋୟାକୁ କାମ ହସ୍ତାନ୍ତର କରିଥିଲା। ଏହି କାମ ଚାଲୁଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ମାଟି ତଳେ ଶ୍ରମିକମାନେ କାମ କରୁଥିବା ବେଳେ ମାଟି ଅତଡ଼ା ଧସି ଯାଇଥିଲା। ଫଳରେ ଏହି ୩ଜଣ ଶ୍ରମିକ ମାଟି ତଳେ ପୋତି ହୋଇଯାଇଥିଲେ। ବିଳମ୍ବିତ ରାତିରେ ସେମାନଙ୍କୁ ଉଦ୍ଧାର କରାଯାଇ ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ଏହି ପାଇପ୍ ବିଛା କାମକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଳମ୍ବିତ ରାତିରେ କାହିଁକି ପାଇପ ପ୍ରକଳ୍ପ ଚାଲିଥିଲା? ଏଥିପାଇଁ ଶ୍ରମ ଆଇନକୁ ପାଳନ କରାଯାଇଥିଲା ନା ନାହିଁ? ସ୍ଥାନୀୟ ଲୋକଙ୍କ ଅଭିଯୋଗ ମୁତାବକ ଏହି କାମ ସମ୍ପୂର୍ଣ୍ଣ ଅନ୍ଧକାରରେ ବିପଦସଙ୍କୁଳ ଭାବେ କରାଯାଉଥିଲା। ତେବେ ଖବର ପାଇ ଅଳକୁଣ୍ଡ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ପଥର ତଳେ...

ଲଗାଇ ପଥର ଉତ୍ତୋଳନ କରିବାକୁ ଗାତ ଖୋଳୁଥିବା ବେଳେ ଦୁଇ ଦିନ ପୂର୍ବରୁ ବର୍ଷା ହୋଇଥିବା କାରଣରୁ ହଠାତ୍ ଅତଡ଼ା ଖସିଥିଲା। ଫଳରେ ଘଟଣାସ୍ଥଳରେ ଏକ ଡାଲଭୋ ମେସିନ ପୋତି ହୋଇଯାଇଥିଲା। ଏଥିସହ ବୋର ହୋଲ୍ କରୁଥିବା କିଛି ଶ୍ରମିକ ପଥର ତଳେ ଚାପି ହୋଇଯାଇଥିଲେ। ଖଣି ପରିଚାଳନା କରୁଥିବା ଗୋପାଳ ଜଣେ ଅଣଓଡ଼ିଆ ରେଜିଂ ଠିକାଦାର ହୋଇଥିବାରୁ ସେ କାର୍ଯ୍ୟରେ ନିୟୋଜିତ କରିଥିବା ଶ୍ରମିକମାନେ ସମସ୍ତେ ତେଲଗୁ ସମ୍ପ୍ରଦାୟର ଲୋକ ବୋଲି ସୂଚନା ମିଳୁଛି। ଏହି ତହସିଲ ଅଧୀନରେ ଥିବା ପ୍ରାୟ ସମସ୍ତ ଖଣିରେ ରେଡି ପରିବାର ରେଜିଂ ଠିକାଦାର ଭାବେ କାର୍ଯ୍ୟ କରିଆସୁଛନ୍ତି। ତେବେ ଗୋପାଳ ଏଠାରେ ନିୟୋଜିତ କରିଥିବା ଶ୍ରମିକମାନେ ବର୍ଷ ବର୍ଷ ଧରି ଏଠାରେ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନେ ଓଡ଼ିଶାରେ ଶ୍ରମ ନିୟୋଜନ ବିଭାଗରେ ନାମ ପଞ୍ଜିକୃତ କରିଛନ୍ତି କି ନାହିଁ, ତାକୁ ନେଇ ପ୍ରଶ୍ନ ଉଠିଛି। ଏଥିସହ ଏହି ଶ୍ରମିକଙ୍କୁ ନିୟୋଜିତ କରିଥିବା ସଂସ୍ଥା ସେମାନଙ୍କ ସୁରକ୍ଷା ପାଇଁ କୌଣସି ଉତ୍ତରଦାୟିତ୍ୱ ତୁଲାଉ ନଥିବା ଅଭିଯୋଗ ହୋଇଛି। ସେମାନଙ୍କ ସୁରକ୍ଷା ଓ ପରିବାରର ଭବିଷ୍ୟତ ପାଇଁ କୌଣସି କାର୍ଯ୍ୟ କରୁ ନ ଥିବା ଜଣାଯାଉଛି। ତେବେ ଆଜିର ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଶ୍ରମିକଙ୍କ ପରିଚୟ ମିଳିପାରିନାହିଁ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଚଳାଇଛି। ଅଗ୍ନିଶମ ବାହିନୀ କର୍ମଚାରୀ ତଥା ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ୪ଟି ପୋକ୍ଲିନ ମେସିନ୍ ନିୟୋଜିତ ହୋଇଥିବା ବେଳେ ଦୁଇଟି ଆମ୍ବୁଲାନ୍ସ ମୃତ ଓ ଆହତଙ୍କୁ ନେବାକୁ ମହଜୁଦ ରହିଛି। ଜନାପୁର ଓ ଧର୍ମଶାଳା ପୁଲିସ ସହିତ ଦୁଇ ପ୍ଲାଟୁନ ପୁଲିସ ମୁତୟନ ଥିବା ବେଳେ ୩୦ ଜଣିଆ ଏନ୍‌ଡିଆର୍‌ଏଫ୍ ଟିମ୍ ସନ୍ଧାନୀ କୁକୁର ଓ ମେଟାଲ ଡିଟେକ୍ଟର ସାହାଯ୍ୟରେ ପଥର ତଳେ ଚାପି ହୋଇଥିବା ଲୋକଙ୍କୁ ଉଦ୍ଧାର ପାଇଁ ଚେଷ୍ଟା ଜାରି ରଖିଛନ୍ତି। ତାଙ୍କୁ ସହଯୋଗ ପାଇଁ ଚଢ଼େଇଧରା ଅଗ୍ନିଶମ ବାହିନୀ ସେଠାରେ ମୁତୟନ ରହିଛି।

ସେହିପରି ନିର୍ବାଚନ ଆଉ ଅଳ୍ପ ଦିନ ରହିଥିବାରୁ ଘଟଣାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ସ୍ୱାଧୀନ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ସାହୁଙ୍କ ସମର୍ଥକ ସକାଳୁ ଶବକୁ ଜଗି ରହିବା ସହିତ ମୃତକଙ୍କୁ ନ୍ୟାୟ ଦାବିରେ ଘଟଣାସ୍ଥଳରେ ବସି ରହିଥିଲେ। ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ, ବିଜେପି ବିଧାୟିକା ପ୍ରାର୍ଥିନୀ ସ୍ମୃତିରେଖା ପହି, କଂଗ୍ରେସ ବିଧାୟକ ପ୍ରାର୍ଥୀ କିଶାନ ପଣ୍ଡା, ସ୍ୱାଧୀନ ପ୍ରାର୍ଥୀ ସତୀଶ ବିଶ୍ୱାଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିବା ସହିତ ପ୍ରଶାସନକୁ ଦୋଷାରୋପ କରିଥିବା ଦେଖାଯାଇଛି। ଶ୍ରୀମତୀ ପହି ଏନେଇ ଜେନାପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ବେଳେ ଶ୍ରୀ ବିଶ୍ୱାଳ ନାରାୟଣ ରାଉତଙ୍କ ବିରୋଧରେ ନ୍ୟାୟାଳୟ ଯିବେ ବୋଲି କହିଛନ୍ତି।

## ବିକାଶର ଶିଖର...

ସେହିପରି ଜଳସେଚନ କ୍ଷେତ୍ରରେ ମଧ୍ୟ ସମ୍ବଲପୁର ଜିଲ୍ଲାରେ ବ୍ୟାପକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଭେଡେନ ନଦୀ ଉପରେ ବୁଢ଼ାରାଜା, କିରାଶାସନ୍, ସଇଦ ଓ ଗୋଛରାରେ ୪ଟି ଅନ୍ତନଦୀ ନଦୀ ଜଳାଶୟ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଶିକ୍ଷା କ୍ଷେତ୍ରରେ ମଧ୍ୟ ପଛରେ ପଡ଼ିନାହିଁ ସମ୍ବଲପୁର। ରାଜ୍ୟ ସରକାର ୧୦୦୦ କୋଟି ଟଙ୍କା ମୂଲ୍ୟରେ ବୁର୍ଲାସ୍ଥିତ ଭିସୁଟ୍‌ର ରୂପାନ୍ତରଣ କାର୍ଯ୍ୟ ଜାରି ରହିଛି। ଜିଲ୍ଲାରେ ହାଇସ୍କୁଲ ରୂପାନ୍ତରଣ ସହ ମୋଟ ୫୯ଟି କଲେଜର ରୂପାନ୍ତରଣ ହୋଇଥିବା ଜଣାପଡ଼ିଛି। ଅପରପକ୍ଷେ ଆଗାମୀ ଦିନରେ କ୍ରୀଡ଼ା କ୍ଷେତ୍ରରେ ସମ୍ବଲପୁର ଏକ ନୂଆ ପରିଚୟ ପାଇବାକୁ ଯାଉଛି। ଆଇସିସି ମାନ ଅନୁଯାୟୀ ଜିଲ୍ଲାରେ ଭିଏସ୍ଏସ୍ କ୍ରିକେଟ ଷ୍ଟାଡିୟମ ବ୍ୟତୀତ ୧୨୦ କୋଟି ବିନିମୟରେ କ୍ରୀଡ଼ା ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଅପରପକ୍ଷେ ବରଗଡ଼ ପରେ ବୁର୍ଲାରେ ୨୦୦ ଶଯ୍ୟା ବିଶିଷ୍ଟ କ୍ୟାନ୍ସର କେୟାର ସେଣ୍ଟର ନିର୍ମାଣ ଜାରି ରହିଛି। ଯାହା ଆଗାମୀ ଦିନରେ ଜିଲ୍ଲାର କ୍ୟାନ୍ସର ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ବେଶ୍ ଲାଭଦାୟକ ସାବ୍ୟସ୍ତ ହେବ ବୋଲି କୁହାଯାଉଛି।

ଅପରପକ୍ଷେ ସୁଦୃଢ଼ ଗମନାଗମନ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ସବୁବେଳେ ପ୍ରାଥମିକତା ଥିବାବେଳେ ସମ୍ବଲପୁରକୁ ଏଥିରେ ପ୍ରାଥମିକତା ମିଳିଛି। ବିଜୁ ଏକ୍ସପ୍ରେସ ୱେ ଗମନାଗମନ କ୍ଷେତ୍ରରେ ରାଜ୍ୟରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିବା ବେଳେ ସ୍ଥାନୀୟ ଅଞ୍ଚଳର ସାମାଜିକ-ଅର୍ଥନୈତିକ-ସାଂସ୍କୃତିକ ବିକାଶରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଛି। ସେହିପରି ଜିଲ୍ଲା ମଧ୍ୟରେ ରାଜ୍ୟ ସରକାର ୧୩୧ କୋଟି ଟଙ୍କା ବିନିମୟରେ ୧୬ଟି ସଡ଼କ ପ୍ରକଳ୍ପ ନିର୍ମାଣ ଜାରି ରଖିଛନ୍ତି। ରାଜ୍ୟ ସରକାରଙ୍କ ଫୋକସରେ ସମ୍ବଲପୁର ଥିବାବେଳେ ଆଗାମୀ ଦିନରେ ଏହା ବିକାଶର ଶିଖର ଛୁଇଁବ ବୋଲି ଆସା ପ୍ରକାଶ ପାଇଛି।

## ଜବରଦଖଲମୁକ୍ତ କରି...

ମଙ୍ଗୁ ମଠ ଚାରିପଟୁ ସେ ସବୁକୁ ଉଚ୍ଛେଦ କରି ମଠର ପବିତ୍ରତାକୁ ଆହୁରି ବୃଦ୍ଧିମନ୍ତ କରିଛନ୍ତି। ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଅଧୀନରେ ପରିତ୍ୟକ୍ତ ହୋଇପଡ଼ିଥିବା ଏହି ମଠକୁ ନୂଆ ରୂପ ଦିଆଯାଇ ଏହାର ଗରିମା ବୃଦ୍ଧି କରାଯାଇଛି। ଏଥିରେ ଅସୁବିଧା କ'ଣ ରହିଲା ବୋଲି ଶ୍ରୀ ପାଣ୍ଡିଆନ ପ୍ରଶ୍ନ କରିଛନ୍ତି।

ଶ୍ରୀ ପାଣ୍ଡିଆନ ଆହୁରି କହିଛନ୍ତି ଯେ ପୂର୍ବରୁ ମଙ୍ଗୁ ମଠ କିପରି ଥିଲା, ଆଉ ଆଜି କିପରି ଅଛି, ତାହା ଦେଖିଲେ ଆଖିକୁ ଜଳ ଜଳ ଦେଖାଯାଉଛି। କିନ୍ତୁ ଦୁଃଖର କଥା, ବିଜେପି ନେତୃମଣ୍ଡଳୀ ଏହା ଦେଖିପାରୁ ନାହାନ୍ତି। ପୁରୀରେ ମଠ ଭଙ୍ଗା ହୋଇଛି ବୋଲି ବିଜେପିର ନେତୃମଣ୍ଡଳୀ ସବର୍ଦା ଅଭିଯୋଗ କରି ଆସୁଛନ୍ତି। କିନ୍ତୁ ସତ୍ୟତା ସହିତ ଏହି ଅଭିଯୋଗର କିଛି ସମ୍ପର୍କ ନାହିଁ। ବିଜେପି ନେତାମାନେ ଲୋକଙ୍କୁ କେତେ ମିଛ କହିବେ, ଆଉ କେତେ ଭୂଆଁ ବୁଲାଇବେ ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରଶ୍ନ ଉଠାଇଛନ୍ତି। ପ୍ରକୃତ ସତ୍ୟକୁ ନ ଦେଖି ଲୋକମାନଙ୍କ ଆଗରେ ମିଛ କଥା କହୁଥିବା ବିଜେପି ନେତାମାନଙ୍କୁ ମହାପ୍ରଭୁ ସଦ୍‌ବୁଦ୍ଧି ଦିଅନ୍ତୁ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

## '୪୦୦ ପାର୍'...

ଡିପ୍ଲୋମାଧାରୀ ଯୁବବର୍ଗଙ୍କୁ ପ୍ରଥମେ ଚାକିରି ପକ୍କା କରିବା, ବେକାରୀ ଭତ୍ତା ପ୍ରଦାନ କରିବାକୁ କଂଗ୍ରେସ ଗୁରୁତ୍ୱ ଦେଉଛି ବୋଲି ଶ୍ରୀ ଖଡ଼୍‌ଗେ କହିଛନ୍ତି।

ଅସୀମ ପ୍ରାକୃତିକ ସମ୍ପଦ, ଜଳ, ଜଙ୍ଗଲ, ଜମି ଓ ଖଣି ଖାଦାନରେ ଭରା ଓଡ଼ିଶା। ମାନବ ସମ୍ବଳ ମଧ୍ୟ ଏଠାରେ କିଛି କମ୍ ନୁହେଁ। ଏଠାକାର ଖଣି ଖାଦାନରୁ ସାମଗ୍ରୀ ନେଇ ଅନ୍ୟ ରାଜ୍ୟରେ ବୃହତ ଶିଳ୍ପ, କାରଖାନା ଗଢ଼ିଉଠିଛି। କିନ୍ତୁ ରାଜ୍ୟରେ ବେକାରୀ ସମସ୍ୟା ଏତେଟା ସୁଧୁରିପାରିନାହିଁ। ଏଠାକାର ଲୋକେ ଏବେ ବି ପେଟପାଟଣା ପାଇଁ ବାହାର ରାଜ୍ୟକୁ ଯାଇ କାମ କରୁଛନ୍ତି ବୋଲି ଏଆଇସିସି ଅଧ୍ୟକ୍ଷ ଖଡ଼୍‌ଗେ କହିଛନ୍ତି।

## ୩ ଶହ ପୃଷ୍ଠାର...

କାର୍ଯ୍ୟକଳାପରେ ଲିପ୍ତ ରହିଥିଲା। ତେବେ ପାକିସ୍ତାନୀ ଆତଙ୍କବାଦୀଙ୍କ ସହିତ ତା'ର ସମ୍ପର୍କ ରହିଥିବା ଏସ୍‌ଟିଏଫ ସନ୍ଦେହ କରୁଥିବା ବେଳେ ଏନେଇ ଠୋସ୍ ପ୍ରମାଣ ମିଳି ନ ଥିବା ଏସ୍‌ଟିଏଫ ତା'ର ଚାର୍ଜସିଟ୍‌ରେ ଉଲ୍ଲେଖ କରିଛି। ଏଥିସହ ସେ ବିଭିନ୍ନ ଜାଲିଆତି କାର୍ଯ୍ୟରେ ମଧ୍ୟ ସମ୍ପୃକ୍ତ ଥିଲା। ତା' ନାମରେ ଜାମ୍ମୁ-କାଶ୍ମୀର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। କାଶ୍ମୀର ପୁଲିସ ତାକୁ ଖୋଜୁଥିବା ବେଳେ ସେ କାଶ୍ମୀର ଛାଡ଼ି କେରଳ ପଳାଇ ଯାଇଥିଲା। ଆଉ ତା'ପରେ ବଦଳିଯାଇଥିଲା ଈଶାନର ଚିତ୍ର ଓ ଚରିତ୍ର।

ବହୁରୂପୀ ଏଣ୍ଡୁଅ ପରି ଜାଗା ଦେଖି ପେସା ବଦଳାଉଥିଲା ସଇଦ ଈଶାନ ବୁଖାରୀ। ସେ କେତେବେଳେ ନିଜକୁ ସ୍ନାୟୁ ବିଶେଷଜ୍ଞ ଡାକ୍ତରର ପରିଚୟ ଦେଉଥିଲା, ତ ଆଉ କେତେବେଳେ ପିଏମ୍‌ଓ ଅଫିସର କର୍ମଚାରୀ ବୋଲି କହୁଥିଲା। ଆଉ କେତେବେଳେ ସେ ନିଜକୁ ସେନା ଡାକ୍ତର ବନାଉଥିଲା। ସୋସିଆଲ ମିଡିଆରେ ପ୍ରେମ ନିବେଦନ କରୁଥିଲା। ସୟିଦ ଈଶାନ ବୁଖାରୀର ଏପରି ଯୋଗ୍ୟତା ଦେଖି ପ୍ରେମରେ ପଡ଼ି ଯାଉଥିଲେ ସୁନ୍ଦରୀ ଯୁବତୀ। ମିଛ ବାହାନା ଦେଖାଇ ସେ ସେମାନଙ୍କୁ ବାହା ହେଉଥିଲେ। ଏପରିକି ସୟିଦ ଈଶାନ ନାମରେ ୟୁପିରେ ଲଭ୍ ଜିହାଦ ମାମଲା ମଧ୍ୟ ରହିଛି। ଈଶାନ ୬ରୁ ୭ଜଣ ଯୁବତୀଙ୍କୁ ବିବାହ କରିଥିଲା। କଶ୍ମୀର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ, କେରଳ, ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଯୁବତୀଙ୍କୁ ସେ ପ୍ରେମ ବିବାହ କରିଥିଲା। ଏହିଭଳି ଯାଜପୁର ଜିଲ୍ଲାର ଜଣେ ଯୁବତୀଙ୍କୁ ଫେସ୍‌ବୁକ୍ ମାଧ୍ୟମରେ ଚିହ୍ନା ହୋଇଥିଲେ। ପରେ ତାଙ୍କୁ ମିଛ କହି ବିବାହ କରିଥିଲେ। ଏହାପରେ ସେ ଯାଜପୁର ନେଉଳପୁର ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲେ। ସେ ୧୫ ଦିନ ଘରେ ରହୁଥିବା ବେଳେ ବାକି ଦିନ ବାହାରକୁ ପଳାଉଥିଲେ। ପୁଣି ୨ରୁ ୩ମାସ ପରେ ଘରକୁ ଆସୁଥିଲେ। ତା'ର ଗତିବିଧି ଓ କାର୍ଯ୍ୟକଳାପ ଉପରେ ସନ୍ଦେହ ପ୍ରକଟ ହେବାରୁ ଏସ୍‌ଟିଏଫ୍ ଖୋଳାତାଡ଼ ଆରମ୍ଭ କରିଥିଲା।

## ଚରମ 'ଅଭଦ୍ରାମୀ'...

ଆକ୍ଷେପ ଓ ପ୍ରତ୍ୟାକ୍ଷେପ ଏକ ସାଧାରଣ କଥା, ମାତ୍ର ଅପରାଜିତା ଓ ତାଙ୍କ ଦଳର ନେତାମାନେ ଯେପରି ବ୍ୟକ୍ତିଗତସ୍ତରକୁ ଯାଇ କୁତ୍ସିତ ଶବ୍ଦ ପ୍ରୟୋଗ କରୁଛନ୍ତି ତାହା ଓଡ଼ିଶାବାସୀ ଗ୍ରହଣ କରିପାରୁ ନାହାନ୍ତି । ଏପରି ଭାଷା ପ୍ରୟୋଗ କରୁଥିବା ଲୋକଙ୍କ ମୁହଁରେ ଓଡ଼ିଆ 'ଅସ୍ମିତା' କଥା ସଇତାନ ମୁହଁରେ ବେଦପାଠ ପରି ମନେ ହେଉଛି। ଓଡ଼ିଶାରେ ନବୀନଙ୍କ ବିରୋଧ ନିମନ୍ତେ ସାରା ଦେଶର ବିଜେପି ଟିମ୍ ଓଡ଼ିଶାରେ ପହଞ୍ଚିଛନ୍ତି । ବିଜେପି ରାଷ୍ଟ୍ରୀୟ ସଭାପତିଙ୍କ ସହ ଦଳର ଶୀର୍ଷ ନେତା ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, କେନ୍ଦ୍ର ମନ୍ତ୍ରିମଣ୍ଡଳର ପ୍ରାୟ ଦୁଇ ଡ଼ଜନ ସଦସ୍ୟ, ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଅନ୍ୟ ସହଯୋଗୀ ମନ୍ତ୍ରୀ, ଦଳର ସେଲିବ୍ରିଟି ନେତା ଓଡ଼ିଶାରେ ତମ୍ବୁ ଟାଣି ବସିଛନ୍ତି । ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଦଳର ଜାତୀୟ ନେତାମାନେ ପ୍ରଚାର ମଙ୍ଗ ଧରିଛନ୍ତି । ଏକା ନବୀନ ପଟ୍ଟନାୟକ ସମସ୍ତ ଜାତୀୟ ନେତାଙ୍କୁ ସାମ୍ନା କରୁଛନ୍ତି; ମାତ୍ର କାହାକୁ ସମାଲୋଚନା କରିନାହାନ୍ତି । ଶାଳୀନତାର ସୀମା ମଧ୍ୟରେ ରହି ଦଳର ପ୍ରଚାର କରୁଛନ୍ତି, ରାଜ୍ୟବାସୀଙ୍କ ପାଇଁ କ'ଣ କରିଛନ୍ତି ଓ କ'ଣ କରିବେ ତାହା କହୁଛନ୍ତି । ପ୍ରତିଶ୍ରୁତି ଦେଇ ବିଜେପି ନେତାମାନେ ଭୂଲି ଯାଇଥିବା ପ୍ରସଙ୍ଗକୁ ମନେ ପକାଇ ଦେଉଛନ୍ତି ।

ମାତ୍ର ବିଜେପିର ନେତାମାନେ ଯେଉଁ ସ୍ତରକୁ ଯାଇ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ସମାଲୋଚନା କରୁଛନ୍ତି ତାହା କୌଣସି ଦୃଷ୍ଟିରୁ ଗ୍ରହଣୀୟ ହୋଇପାରୁ ନାହିଁ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ ଅତ୍ୟନ୍ତ ରୁଚିହୀନ ଶବ୍ଦରେ ସମାଲୋଚନା କରୁଛନ୍ତି। ନିଜ ପଦ ଓ ମର୍ଯ୍ୟାଦାକୁ ଭ୍ରୁକ୍ଷେପ ନ କରି ଯେଉଁ ଶବ୍ଦ ପ୍ରୟୋଗ କରୁଛନ୍ତି। ବିଡ଼ମ୍ବନା ହେଉଛି ଅନ୍ୟ ରାଜ୍ୟରୁ ଓ ଦିଲ୍ଲୀରୁ ଓଡ଼ିଶାକୁ ପ୍ରଚାର ପାଇଁ ଆସୁଥିବା ଅଣ ଓଡ଼ିଆ 'ନିର୍ବାଚନ ପର୍ଯ୍ୟଟକ'ମାନେ ଓଡ଼ିଶାର ଅସ୍ମିତା ସମ୍ପର୍କରେ ଦୀର୍ଘ ଭାଷଣ ମାରୁଛନ୍ତି । ଓଡ଼ିଆ ଅସ୍ମିତାର ଜ୍ଞାନ ବାଣ୍ଟୁଥିବା ରାଜ୍ୟ ବିଜେପିର ନେତାମାନଙ୍କୁ ବିଜେପିର ଜାତୀୟ ଅଣଓଡ଼ିଆ ନେତାମାନଙ୍କୁ ଏହା ରୋମାଞ୍ଚକ ମନେ ହେଉଛି । ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଧାର ଧାରି ନ ଥିବା ଓଡ଼ିଆ ବୋହୂ ଅପରାଜିତା ନିମ୍ନରୁଚିର ଶବ୍ଦ ପ୍ରୟୋଗ କରି ନିଜ ଗାରିମାକୁ ନଷ୍ଟ କରୁଛନ୍ତି । ଯାହାକୁ ସାଧାରଣ ଲୋକମାନେ ତୀବ୍ର ସମାଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଅପରାଜିତାଙ୍କୁ ଅତ୍ୟନ୍ତ କଡ଼ା ଶବ୍ଦରେ ଗାଳି କରୁଛନ୍ତି । ଜଣେ ସର୍ବଭାରତୀୟ ସେବାର ପୂର୍ବତନ ଅଧିକାରୀ ଓ ଜଣେ ସାଂସଦଙ୍କ ମୁହଁରେ ଏପରି ଶବ୍ଦ ଓ ଆକ୍ଷେପ କେବେ ହେଲେ ଗ୍ରହଣୀୟ ନୁହେଁ । ଦଳ ମତ ନିର୍ବିଶେଷରେ ସମାଲୋଚନାର ଶରବ୍ୟ ହୋଇଛନ୍ତି ଅପରାଜିତା ।

## ବିଜେପିର 'କେନ୍ଦୁପତ୍ର'...

ବିଜେପି ନେତା, କେନ୍ଦ୍ରମନ୍ତ୍ରୀ ଭୁଲି ଯାଇଛନ୍ତି ପ୍ରତିଶ୍ରୁତି। ୨୦୧୭ ମସିହାରୁ ୨୦୨୩ ମସିହା ମଧ୍ୟରେ ହୋଇଥିବା ୪ଟି ଜିଏସ୍‌ଟି କାଉନସିଲ ବୈଠକରେ କେନ୍ଦୁପତ୍ରରେ ଲାଗୁଥିବା ୧୮ ପ୍ରତିଶତ ଜିଏସ୍‌ଟି ପ୍ରସଙ୍ଗରେ ଆଲୋଚନା ହୋଇଥିଲେ ହେଁ ଏହାକୁ ଉଚ୍ଛେଦ ବା ହ୍ରାସ ନେଇ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ବିଡ଼ମ୍ବନା ହେଉଛି ରାଜ୍ୟରୁ ନିର୍ବାଚିତ ୮ ଜଣ ବିଜେପି ସାଂସଦ ଓ ସମ୍ବଲପୁରରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କେନ୍ଦ୍ରମନ୍ତ୍ରୀ ସମ୍ପୂର୍ଣ୍ଣ ନିରବ ରହିଛନ୍ତି। ପଶ୍ଚିମ ଓଡ଼ିଶାର ଅର୍ଥନୀତି ସହ କେନ୍ଦୁପତ୍ର ଏବଂ ସଂଗ୍ରହକାରୀଙ୍କ ସ୍ୱାର୍ଥ ଜଡ଼ିତ ଥିବାରୁ ପରୋକ୍ଷରେ ପଶ୍ଚିମ ଓଡ଼ିଶା ପ୍ରତି ଏହା କେବଳ ଅବିଚାର ନୁହେଁ; ଠକେଇ ବୋଲି ମନେ କରାଯାଉଛି। ୨୦୧୯ ନିର୍ବାଚନ ସମୟରେ ବିଜେପି ପକ୍ଷରୁ ନିର୍ବାଚନ ଇସ୍ତାହାରରେ, କେନ୍ଦ୍ରରେ ବିଜେପିର ସରକାର ପୁନର୍ବାର ଗଠନ ହେଲେ କେନ୍ଦୁପତ୍ର ଉପରୁ ଜିଏସଟି ପ୍ରତ୍ୟାହାର କରାଯିବା ନେଇ ଘୋଷଣା କରାଯାଇଥିଲା। ଏହା ସହ ବିଜେପିର ତତ୍‌କାଳୀନ ରାଷ୍ଟ୍ରୀୟ ସଭାପତି ନିର୍ବାଚନ ପ୍ରଚାର ସମୟରେ ଭୁବନେଶ୍ୱର, କେନ୍ଦୁଝର, ବରଗଡ଼ରେ ନିର୍ବାଚନୀ ସଭାରେ ନିଜର ଉଦବୋଧନ ମାଧ୍ୟମରେ ମଧ୍ୟ ଜିଏସଟି ପ୍ରତ୍ୟାହାର କରାଯିବା ନେଇ ଘୋଷଣା କରିଥିଲେ। ଏବେ ପୁଣି ୨୦୨୪ରେ ନିର୍ବାଚନ ଆସି ପହଞ୍ଚିଛି। ମାତ୍ର ୫ ବର୍ଷ ମଧ୍ୟରେ ଜିଏସ୍‌ଟି ହ୍ରାସ ନିଷ୍ପତ୍ତି ହୋଇ ପାରିଲା ନାହିଁ।

ସେହିପରି ପଦମ୍ପୁର ଉପନିର୍ବାଚନ ସମୟରେ ମଧ୍ୟ ବିଜେପି ନେତାମାନେ କେନ୍ଦୁପତ୍ରରୁ ଜିଏସ୍‌ଟି ଛାଡ଼ କରିବାକୁ ଘୋଷଣା କରିଥିଲେ। ଖୋଦ୍ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ତାଙ୍କ ଦଳର ଜାତୀୟ ନେତା, ବରଗଡ଼ ଆସନରୁ ପ୍ରାର୍ଥୀ ହୋଇଥିବା ପ୍ରଦୀପ ପୁରୋହିତ ଓ ରାଜ୍ୟର ଅନ୍ୟ ନେତାମାନେ ମଧ୍ୟ ଏହା ଘୋଷଣା କରିଥିଲେ। କିନ୍ତୁ ନିର୍ବାଚନ ସରିବା ପରେ କେନ୍ଦୁପତ୍ର କଥା ଭୁଲିଗଲେ ବିଜେପିର ଏହି ନେତାମାନେ। ରାଜ୍ୟର ଲକ୍ଷଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କ ପ୍ରତି ଅନ୍ୟାୟ କରି ଚାଲିଛନ୍ତି ଓ ରାଜ୍ୟର ବିଜେପି ସାଂସଦମାନେ ରହସ୍ୟମୟ ଭାବରେ ଏହାକୁ ନିରବରେ ସମର୍ଥନ କରୁଛନ୍ତି।

## ୨ ସପ୍ତାହ...

ଲହରୀ ଜନିତ ୟେଲୋ ଆଲର୍ଟ ଜାରି କରାଯାଇଛି। ୧୯ ତାରିଖଥ ନୂଆପଡ଼ା, ବଲାଙ୍ଗିର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର ଓ ଅନୁଗୁଳ ଜିଲ୍ଲାରେ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ପାଣିପାଗ କେନ୍ଦ୍ର କହିଛି ଗ୍ରୀଷ୍ମ ଲହରୀ ସ୍ଥିତି ସମୟରେ ଉପକୂଳ ଓଡ଼ିଶାରେ ତାପମାତ୍ରା ୩୭ରୁ ୩୯ ଡିଗ୍ରୀ ସେଲ୍‌ସିୟସ ରହିବା ସହ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୩୯ ରୁ ୪୩ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିବାର ଆଶଙ୍କା ରହିଛି। ଏହି ସମୟରେ ଉପକୂଳ ଓଡ଼ିଶାରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୨ରୁ ୩ ଡିଗ୍ରୀ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହିପାରେ। ସେହିପରି ଉପକୂଳ ଓଡ଼ିଶାରେ ଆର୍ଦ୍ରତା ରହିବା ହେତୁ ଗୁଳୁଗୁଳିର ମଧ୍ୟ ଆଶଙ୍କା ରହିଛି। ଏଥିପାଇଁ ଦିନ ୧୧ଟାରୁ ଅପରାହ୍ଣ ୩ଟା ମଧ୍ୟରେ ବାହାରକୁ ଗଲେ ସତର୍କତା ଅବଲମ୍ବନ କରିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

# ଗଞ୍ଜାମରେ ମୁତୟନ ହେବେ ୨୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ

**ଭୁବନେଶ୍ୱର,୧୬।୫(ସମିସ):** ଗଞ୍ଜାମ ଜିଲ୍ଲାରେ ନିର୍ବାଚନୀ ହିଂସା ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ସ୍ଥିତିକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଗଞ୍ଜାମ ଜିଲ୍ଲାରେ ୨୦ କମ୍ପାନୀ ସିଏପିଏଫ୍ (କେନ୍ଦ୍ରୀୟ ଶସସ୍ତ୍ର ବାହିନୀ) ମୁତୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦେଶର ପଞ୍ଚମ ପର୍ଯ୍ୟାୟ ତଥା ୨୦ ତାରିଖରେ ଗଞ୍ଜାମରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଏହି ଯବାନମାନେ ମୁତୟନ ହେବେ। ଏହି କେନ୍ଦ୍ରୀୟ ଫୋର୍ସ ଯବାନମାନେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବୁଥରେ ମୁତୟନ ହେବେ। ସେମାନଙ୍କୁ ରିଜର୍ଭ ଫୋର୍ସ କିମ୍ବା ଷ୍ଟ୍ରାଇକିଂ ଫୋର୍ସ ଭାବେ ନିୟୋଜିତ ନକରିବା ପାଇଁ ଗଞ୍ଜାମ ଜିଲ୍ଲାପାଳଙ୍କୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।


**AFFIDAVIT**

By Virtue of an affidavit by taking oath before the Executive Magistrate, Rasgobindpur on dated 14/05/2024 vide No. 383, I Shyam Govind Das, S/o Radhagobinda Das, Vill- Bhaliagadia, P.O: Purnachandrapur, P.S:- Rasgobindpur, Dist. Mayurbhanj at Present Hindusthan Bekari Marg , Khadan Road , Bhiwandi, Thane, Maharastra stated / declared that my name was recorded as Bharat Chandra Das in R.S.D No. 557 dated 26/08/2003 when I was minor. That both the names are one and same person's.



**ପୂର୍ବ ତଟ ରେଳପଥ**

**ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ ପ୍ରବାହ ସମ୍ବନ୍ଧୀୟ ସାର୍ବଜନୀକ ଅଧିସୂଚନା** ପ୍ରୋଫର୍ମା-10.01

ପୂର୍ବ ତଟ ରେଳପଥର ନିମ୍ନ ବର୍ଣ୍ଣିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳବାଇ ଲାଇନ୍ ଏବଂ ପରିସରକୁ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ନିର୍ଦ୍ଦିଷ୍ଟ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ କିମ୍ବା ଏହା ପରେ 25,000 ଭୋଲ୍ଟ, 50 Hz, AC ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ ପ୍ରବାହ କରାଯିବ । ସେହି ତାରିଖ ଦିନ କିମ୍ବା ତା'ପର ଠାରୁ ଓଭରହେଡ ଟ୍ରାକ୍ସନ ଲାଇନରେ ସବୁ ସମୟ ପାଇଁ ବିଦ୍ୟୁତ ପ୍ରବାହିତ ହେବ । ଏଥିପାଇଁ ଯେକୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭର ହେଡ୍ ଲାଇନ ନିକଟକୁ ଯିବେ ନାହିଁ କିମ୍ବା ତାହାର ଆଖପାଖରେ କୌଣସି କାର୍ଯ୍ୟ କରିପାରିବେ ନାହିଁ ।

| ସେକ୍ସନ୍ | ସ୍ଥାନ | TKM |
|---|---|---|
| ଲାଇନ୍ ନଂ.4, ଗୁଡ୍ସ ଲାଇନ୍, ନୟାଗଡ଼ | Loc: ନୟାଗଡ଼ ଟାଉନ / 1003N (Ch: 64/824.50) ରୁ Loc: ନୟାଗଡ଼ ଟାଉନ / 1027N (Ch: 65/1001.80) ପର୍ଯ୍ୟନ୍ତ | 2.392 |

ମଣ୍ଡଳ : ଖୋର୍ଦ୍ଧା ରୋଡ | ବିଦ୍ୟୁତ ପ୍ରବାହ ତାରିଖ : 07.06.2024

**AC 25 KV ଟ୍ରାକ୍ସନର ପ୍ରଚଳନ "ସଡ଼କ ବ୍ୟବହାରକାରୀମାନଙ୍କ ପାଇଁ ସତର୍କତା"** ପ୍ରୋଫର୍ମା-10.02

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଉଅଛି ଯେ "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ ମଣ୍ଡଳର ଲାଇନ୍ ନଂ.4, ଗୁଡ୍ସ ଲାଇନ୍, ନୟାଗଡ଼ TKM-2.932 ସେକ୍ସନର LOC: ନୟାଗଡ଼ ଟାଉନ / 1003N (Ch: 64/824.50) ରୁ LOC: ନୟାଗଡ଼ ଟାଉନ / 1027N (Ch: 65/1001.80) ପର୍ଯ୍ୟନ୍ତ ଏସି ଇଲେକ୍ଟ୍ରିକ୍ ଟ୍ରାକ୍ସନର ଶୁଭାରମ୍ଭ"ସମ୍ବନ୍ଧୀୟ ସମସ୍ତ ଲେଭେଲ କ୍ରସିଂଗୁଡିକ ଠାରେ କୌଣସି ବୋଝେଇ ଯାନ ଜୀବନ୍ତ ଟ୍ରାକ୍ସନ ତାର (କଣ୍ଟାକ୍ଟ ତାର) ସଂସ୍ପର୍ଶରେ ନ ଆସିବା କିମ୍ବା ଏହାର ନିକଟବର୍ତ୍ତୀ ବିପଦାଞ୍ଚଳକୁ ପ୍ରବେଶ ନିଷେଧ ନିମନ୍ତେ ସଡ଼କ ସ୍ତର ଠାରୁ 4.78m ଉଚ୍ଚତା ହାଇଟ୍ ଗେଜ୍ ସ୍ଥାପନ କରାଯାଇଛି, ଯାହାର ଉଚ୍ଚତା ଲେଭେଲ କ୍ରସିଂଗୁଡ଼ିକ ଠାରେ ରେଲ ଲେଭେଲ ଠାରୁ ସର୍ବନିମ୍ନ 5.5m ହେବ ।

ତେଣୁ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସୂଚାଇ ଦିଆଯାଉଅଛି ଯେ, ସଡ଼କ ଗାଡ଼ିରେ ମାଲ ବୋଝେଇ କରିବା ସମୟରେ ଉପର ଲିଖିତ ଉଚ୍ଚତାକୁ ଧ୍ୟାନରେ ରଖି ମାଲ ବୋଝେଇ କରିବେ ଏବଂ ଏହା ଯେପରି କୌଣସି ପରିସ୍ଥିତିରେ ହାଇଟ୍ ଗେଜ୍ ସୀମା ଉଲ୍ଲଙ୍ଘନ ନ କରେ, ସେଥିପ୍ରତି ଦୃଷ୍ଟି ଦେବେ ।

ଅଧିକ ଉଚ୍ଚତାରେ ମାଲ ବୋଝେଇ କରିବା ଦ୍ୱାରା ନିମ୍ନଲିଖିତ ବିପଦ ରହିଛି :

1) ହାଇଟ ଗେଜ୍ ପ୍ରତି ବିପଦ ଏବଂ ପରିଣାମ ସ୍ୱରୂପ ରେଳ ଲାଇନ୍ ଓ ରାସ୍ତା ଅବରୋଧ ।
2) ପରିବହନ ହେଉଥିବା ମାଲ କିମ୍ବା ଯନ୍ତ୍ରାଂଶ କିମ୍ବା ସେହି ଯାନ ପ୍ରତି ବିପଦ ।
3) ବିଦ୍ୟୁତ ପରିବାହୀ ସଂସ୍ପର୍ଶରେ ଆସିବା ଫଳରେ ବିପଦର ନିକଟବର୍ତ୍ତୀ ହେବା ସହ ଅଗ୍ନି ଭୟ ସହିତ ଜୀବନ ହାନୀର ଆଶଙ୍କା ।

PR-14/CH/24-25 | ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I), ପୂର୍ବ ତଟ ରେଳପଥ / ଭୁବନେଶ୍ୱର

## ବିଶିଷ୍ଟ ବ୍ୟବସାୟୀଙ୍କ ଦେହାନ୍ତ



**ପାରାଦୀପ,୧୬।୫ (ସମିସ):** ଜଗନ୍ନାଥ ବଣିକ ସଂଘର ବରିଷ୍ଠ ବ୍ୟବସାୟୀ କୃଷ୍ଣଚନ୍ଦ୍ର ପାତ୍ର(୬୩)ଙ୍କର ଦେହାନ୍ତ ହୋଇଛି। ଦୀର୍ଘ ୨୦ ବର୍ଷ ଧରି ପାରାଦୀପ ଅଞ୍ଚଳରେ ବ୍ୟବସାୟ ଆରମ୍ଭ କରି ସଫଳତା ଅର୍ଜନ କରିଥିଲେ।ବିଜୁ ମଇଦାନ ନିକଟ ସମୁଦ୍ରକୁଳ ଜଗନ୍ନାଥ ବଣିକ ସଂଘର ସେ ଜଣେ ପୁରାତନ ସଭ୍ୟ ଅଟନ୍ତି।ତାଙ୍କ ମୃତ୍ୟୁ ରେ ବ୍ୟବସାୟୀ ମହଲରେ ଶୋକର ଛାୟା ଖେଳିଯାଇଛି। କଟକ ବଡ଼ ମେଡିକାଲ ରେ ଚିକତ୍ସାଧୀନ ଅବସ୍ଥାରେ ତାଙ୍କର ଅକାଳ ବିୟୋଗ ହୋଇଥିଲା। ଦିବଙ୍ଗତ ଆତ୍ମାର ସଦଗତି କାମନା ନିମନ୍ତେ ଆଜି ଜଗନ୍ନାଥ ବଣିକ ସଂଘ ପକ୍ଷରୁ ଲାଇଟ ହାଉସ ନିକଟରେ ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା।ସ୍ମୃତିସଭା ପରେ ଗୋଟେ ଦିବସ ପାଇଁ ଆଜି ଜଗନ୍ନାଥ ବଣିକ ସଂଘର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା।

## ଭାଇକୁ ହାଣିଲା ଭାଇ; ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର

**ପାରାଦୀପ, ୧୬।୫ (ସମିସ):** ପାରାଦୀପ ଉପକଣ୍ଠ ବିଶ୍ୱାଳି ପଞ୍ଚାୟତରେ ଘଟିଛି ଏକ ଅଭାବନୀୟ ଘଟଣା।ସାନ ଭାଇର ପନିକି ଚୋଟରେ ବଡ ଭାଇ ଗୁରୁତର ହୋଇ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ ହୋଇଛି।ଆଜି ସନ୍ଧ୍ୟା ସମୟରେ କୌଣସି ଏକ କଥାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା।ଏହି ବଚସାରୁ ଧୀରେ ଧୀରେ କଥା କଟାକଟି ଓ ପରେ ଏହା ହିଂସାର ରୂପ ନେଇଥିଲା।ଏପରିକି ଉତକ୍ଷିପ୍ତ ହୋଇ ସାନ ଭାଇ ପପୁ ବେହେରା ଘରର ପନିକିରେ ବଡ ଭାଇ ରାଜେନ୍ଦ୍ର ବେହେରାଙ୍କୁ ଜୀବନରୁ ମାରିଦେବାକୁ ଏକ ପ୍ରହାର ପକାଇଥିଲା।ଫଳରେ ଏହି ପ୍ରହାର ବଡ ଭାଇର ବେକରେ ନ ବାଜି ହାତରେ ବାଜି ଯିବାରୁ ହାତରେ ଭୀଷଣ ଆଘାତ ଲାଗିଥିଲା।ବଡ ଭାଇକୁ ସଙ୍ଗେ ସଙ୍ଗେ ଅଠରବାଙ୍କୀ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତରିତ କରିବା ପାଇଁ ଡାକ୍ତର ନିର୍ଦ୍ଦେଶ ଦେଇଥିଲେ।ବର୍ତ୍ତମାନ କଟକ ବଡ ମେଡିକାଲ ରେ ପହଞ୍ଚିବା ପରେ ଚିକିତ୍ସା ଆରମ୍ଭ କରାଯାଇଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ରିପୋର୍ଟ ଲେଖା ବେଳକୁ ଏ ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ କରାଯାଇନଥିବାର ଜଣାପଡ଼ିଛି।

## ବିଶିଷ୍ଟ ବ୍ୟବସାୟୀ ଭ୍ରମରବର ନାୟକଙ୍କ ଦେହାନ୍ତ



ପାରାଦୀପ, ୧୬।୫ (ସମିସ) : ବିଶିଷ୍ଟ ବ୍ୟବସାୟୀ, ସମାଜସେବୀ ତଥା ପାରାଦୀପ ନୁଆବଜାର ଅଞ୍ଚଳର ମୁରବୀ ଭ୍ରମରବର ନାୟକ(୬୩) ଆଉ ନାହାନ୍ତି।ମୃତ୍ୟୁ ଶଯ୍ୟା ନିକଟରେ ପରିବାର ବର୍ଗ ସମସ୍ତେ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବନ୍ଦର ସହର ସମେତ ନିଜ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା।ଦୀର୍ଘ ୩୦ ବର୍ଷ ଧରି ବନ୍ଦରାଞ୍ଚଳରେ ବନ୍ଦରର ବିଭିନ୍ନ ବିଭାଗରେ କଣ୍ଟ୍ରାକ୍ଟ୍ କରି ସଫଳତା ଅର୍ଜନ କରିଥିଲେ।ସମାଜସେବା କ୍ଷେତ୍ରରେ ତାଙ୍କର ବହୁ ସୁନାମ ରହିଛି।ଏହା ସହିତ ନୂଆବଜାର ଅଞ୍ଚଳରେ ସେ ଥିଲେ ଜଣେ ମୁରବୀ।ଅସୁସ୍ଥତା କାରଣରୁ କିଛି ଦିନ ହେବ ନିଜ ଗ୍ରାମ କାକଟପୁରର ଖଣ୍ଡାସାହିରେ ରହିଆସୁଥିଲେ ।ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ।ତେବେ ଆଜି ଗୁରୁବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ହୃଦଘାତ ରେ ମୃତ୍ୟୁ ଘଟିଛି। ଦିବଙ୍ଗତ ଭ୍ରମର ନାୟକ ଜଗତସିଂହପୁର ଜିଲ୍ଲା ବିଜେଡି ଉପସଭାପତି କୁମର ବର ନାୟକଙ୍କ ବଡ ଭାଇ ଅଟନ୍ତି।ତାଙ୍କର ଶେଷକୃତ୍ୟ ନିଜ ଗ୍ରାମ ଖଣ୍ଡାସାଇରେ ସମ୍ପନ୍ନ ହୋଇଛି।

## ଦେବ ମହାନ୍ତି ଜିଲ୍ଲା ବିଜେଡି କଳାକାର ସଂଘ ସଂଯୋଜକ ନିଯୁକ୍ତ



**ତିର୍ତ୍ତୋଲ,୧୬।୫(ସମିସ):** ବିଜୁ ଜନତା ଦଳ ତରଫରୁ ତିର୍ତ୍ତୋଲ ବ୍ଲକ ଅଧିନ ଗୋବିନ୍ଦପୁର ଗ୍ରାମର ବିଜେଡିର ବରିଷ୍ଠ ନେତା ତଥା ସଙ୍ଗଠକ ଦେବବ୍ରତ ମହାନ୍ତିଙ୍କୁ ଜଗତସିଂହପୁର ଜିଲ୍ଲା ବିଜୁ ଜନତା ଦଳ କଳାକାର ସଂଘର ସଂଯୋଜକ ନିଯୁକ୍ତ କରାଯାଇଛି। ଜିଲ୍ଲା ବିଜେଡି ସଭାପତି ରବିନାରାୟଣ ଜେନାଙ୍କ ତରଫରୁ ଏକ ପ୍ରେସ ଇସ୍ତାହାରରେ ସୂଚନା ପ୍ରଦାନ କରାଯାଇଛି। ଶ୍ରୀ ମହାନ୍ତିଙ୍କୁ ନୂତନ ଦାୟିତ୍ୱ ମିଳିବା ପରେ ସେ ଜିଲ୍ଲା ସଭାପତି ଶ୍ରୀ ଜେନା, ଜିଲା ସହ ପର୍ଯ୍ୟବେକ୍ଷକ ଗିରୀଶ, ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ ମୁଦୁଲି, ସାଂସଦ ପ୍ରାର୍ଥୀ ଡା.ରାଜଶ୍ରୀ ମଲ୍ଲିକ, ତିର୍ତ୍ତୋଲ ବିଧାୟକ ପ୍ରାର୍ଥୀ ଡ.ରମାକାନ୍ତ ଭୋଇ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବ୍ଲକ କଳାକାର ସଂଘ ସଭାପତି ଶିଶିର କୁମାର ପଣ୍ଡା, ବିଜେଡି କଳାକାର ସଂଘ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇବା ସହ ଜିଲ୍ଲାରେ ବିଜେଡି କଳାକାର ସଂଘକୁ ସୁଦୃଢ କରିବା ଦିଗରେ କାର୍ଯ୍ୟକରିବେ ବୋଲି ପ୍ରକାଶ କରିଛନ୍ତି। ତାଙ୍କୁ ଏହି ଦାୟିତ୍ୱ ମିଳିବା ପରେ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ନିର୍ବାଚନମଣ୍ଡଳୀ ବିଜେଡି ଯୁବ ସଭାପତି ସୁମିତ ଦାସ, ଆଶିଷ ମହାପାତ୍ର, ଦେବେନ୍ଦ୍ର ଲେଙ୍କା, ଯଶୋବନ୍ତ ରାଉତ, ସମିତିସଭ୍ୟ ଚାରୁଲତା ମହାନ୍ତି, ରୋଜାଲିନ ଜେନା, ସୁଧାଂଶୁ ପୃଷ୍ଟି, ଗୌରାଙ୍ଗ ସ୍ୱାଇଁଙ୍କ ସମେତ ବିଜେଡିର ବହୁ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

### ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ନିମନ୍ତେ ସାଧାରଣ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା ବୈଠକ

# ୬୦ ପ୍ରତିଶତ ବୁଥ୍‌ରେ ନେଟ୍‌ୱର୍କ ଓ ପାୱାର ବିଭ୍ରାଟ ଦୂର କରିବାକୁ ନିର୍ଦ୍ଦେଶ

● ଏସ୍‌ଭିଏମ୍ ଷ୍ଟ୍ରଙ୍ଗ ରୁମ୍‌ରେ ସମସ୍ତ ମେସିନର ସୁରକ୍ଷା ଉପରେ ଗୁରୁତ୍ୱ

**ଜଗତସିଂହପୁର,୧୬।୫(ସମିସ)**



ଜିଲ୍ଲା ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଡ ଏଚ ପି ତୁମୋଡଙ୍କ ଅଧକ୍ଷତାରେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାବନା ସଭାଗୃହରେ ସାଧାରଣ ନିର୍ବାଚନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡ ତୁମୋଡ ନିର୍ବାଚନରେ ନିୟୋଜିତ ସମସ୍ତ ୪ ଜଣ ଆର୍‌ଓ ,ଏ ଆର୍ ଓ, ସେକ୍ଟର ଅଫିସର ମାନଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାର ପ୍ରାରମ୍ଭରେ ଡ ତୁମୋଡ ନିର୍ବାଚନ ମଣ୍ଡଳୀ ରେ ଆଦର୍ଶ ଆଚରଣ ବିଧିର କଡାକଡି ପାଳନ, ନିର୍ବାଚନ ଶାନ୍ତି ଓ ଶୃଙ୍ଖଳାର ସହ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥି ସହିତ ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ବିଭିନ୍ନ ସମ୍ବେଦନଶୀଳ ପୋଲିଂ ଷ୍ଟେସନମାନଙ୍କରେ ଶାନ୍ତି ଓ ଶୃଙ୍ଖଳାର ସହ ଅବାଧ, ନିର୍ଭୁଲ ଓ ନିରପେକ୍ଷ ଭାବେ ଯେପରି ନିର୍ବାଚନ ପରିଚାଳନା ହୋଇପାରିବ ସେହି ବିଷୟରେ ସେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହା ସହିତ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପୁଲିସ ଏବଂ ଅବକାରୀ ବିଭାଗକୁ ସ୍ପର୍ଶକାତର ଜୋନମାନଙ୍କରେ ସରଭେଲାନ୍ସ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହା ପରେ ଜିଲ୍ଲାପାଳ ଅନୁପମ ସାହା ଜିଲ୍ଲାରେ ଭୋଟିଂ ପ୍ରକ୍ରିୟା ଓ ଏଥିନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ବ୍ୟାପକ ପ୍ରସ୍ତୁତି ସମ୍ବନ୍ଧରେ ସବିଶେଷ ଆଲୋଚନା କରିଥିଲେ। ନିର୍ବାଚନ ପ୍ରକ୍ରିୟାରେ ଇଲେକ୍ଟୋରାଲ ରୋଲ,ପୋଷ୍ଟାଲ ବ୍ୟାଲଟ ପ୍ରକିୟା, ଇଭିଏମ ଭିଭିପ୍ୟାଟ ମେସିନର ପରିଚାଳନା,ଏମ୍‌ସିଏମ୍‌ସି,ମଡେଲ ପୋଲିଂଷ୍ଟେସନ, ସଖୀବୁଥ୍, ଯୁଥ ଏବଂ ଇକୋଫ୍ରେଣ୍ଡଲି ବୁଥ୍,ବୁଥଗୁଡିକ ରେ ଆବଶ୍ୟକୀୟ ସୁବିଧାସୁଯୋଗ, କାଉଣ୍ଟିଂ ସେଣ୍ଟରରେ ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି ଏସି, ପାନୀୟଜଳ ଆଦିର ବ୍ୟବସ୍ଥାର ତଦାରଖ କରିଥିଲେ ଡ ତୁମୋଡ। ଭୋଟର ସଚେତନତା ନିମନ୍ତେ ହୋଇଥିବା (ସ୍ୱିପ)କାର୍ଯ୍ୟକ୍ରମ ବିଷୟରେ ମଧ ନୋଡାଲ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ନିର୍ବାଚନକୁ ସଫଳ କରିବା ଦିଗରେ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀ ମାନଙ୍କ ପ୍ରଶିକ୍ଷଣ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ତେଣୁ ଏହି ପ୍ରଶିକ୍ଷଣ ପ୍ରକ୍ରିୟାରେ ପ୍ରଶିକ୍ଷିତ ଡିଏଲ୍ ଏମ୍ ଟି ମାନଙ୍କ ଭୂମିକା ଉପରେ ଆଲୋକପାତ କରିବାକୁ ଯାଇ ଆର୍‌ଓମାନଙ୍କ ସହିତ ସେକ୍ଟର ଅଫିସରମାନଙ୍କୁ ମଧ ଏହି କାର୍ଯ୍ୟରେ ସମ୍ପୃକ୍ତ କରିବାକୁ ଉପଦେଶ ଦେଇଥିଲେ । ଜିଲ୍ଲାର ୪ ନିର୍ବାଚନମଣ୍ଡଳୀ ମଧ୍ୟରୁ ଜଗତସିଂହପୁର ଓ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ପାଇଁ ପି -୧ ଡିସପରସାଲ ଥିବା ବେଳେ ପାରାଦୀପ ଓ ବାଲିକୁଦା -ଏରସମା ନିମନ୍ତେ ଏହା ପି -୨ ରହିଛି ବୋଲି ସୂଚନା ଦେଇଥିଲେ ଜିଲ୍ଲାପାଳ। ଏହି ପି -୨ ଡିସପରସାଲ ସେଣ୍ଟର, ବୁଥ୍ ଗୁଡିକରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଅବଲମ୍ବନ କରିବା ପାଇଁ ଜିଲ୍ଲାପାଳ ତଥା ଆରକ୍ଷୀ ଅଧିକ୍ଷକ ରାହୁଲ ପି ଆର୍ ଙ୍କ ସହ ଆଲୋଚନା କରିଥିଲେ । ଚଳିତ ନିର୍ବାଚନ ପ୍ରକ୍ରିୟାରେ ୬୦ ପ୍ରତିଶତ ବୁଥରେ ୱେବ୍ କାଷ୍ଟିଂ ବ୍ୟବସ୍ଥା ଥିବାରୁ ୩୦,୩୧ ଓ ୧ ତାରିଖ ଦିନ ନେଟୱର୍କ ଓ ପାୱାର ବିଭ୍ରାଟକୁ ଦୂର କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ପର୍ଯ୍ୟବେକ୍ଷକ। ଏଥି ସହିତ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଷ୍ଟ୍ରଙ୍ଗ ରୁମରେ ସମସ୍ତ ମେସିନ ସୁରକ୍ଷାର ସହ ରଖା ଯିବାର ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା କରିଥିଲେ। ଶେଷରେ ନିର୍ବାଚନକୁ ସଠିକ ରୂପେ ପରିଚାଳନା କରିବା ନିମନ୍ତେ ନିୟୋଜିତ ସମସ୍ତ ୧୬ ଟି ଥିମ୍‌ର ନୋଡାଲ ଅଧିକାରୀ ମାନଙ୍କ ସହ ଆଲୋଚନା କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରକାଶଯୋଗ୍ୟ ଯେ ଆସନ୍ତା ଜୁନ୍ ୧ତାରିଖରେ ଜଗତସିଂହପୁର ଲୋକସଭା ଓ ୪ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ହେବାକୁ ଥିବା ବେଳେ ଜୁନ ମାସ ୪ ତାରିଖ ଦିନ ଭୋଟ ଗଣତି ପ୍ରକ୍ରିୟା ଅନୁଷ୍ଠିତ ହେବ। ବୈଠକରେ ଆରକ୍ଷୀ ଅଧିକ୍ଷକ ରାହୁଲ ପି ଆର୍, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ ରାଉତ, ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ, ଲଳିତ ମୋହନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ଉନ୍ନୟନ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଉପଜିଲ୍ଲାପାଳ,ଡେପୁଟି କଲେକ୍ଟର ନିର୍ବାଚନ, ଜଗତସିଂହପୁର ମୁନିସିପାଲିଟି ନିର୍ବାହୀ ଅଧିକାରୀ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭୋଟ ବର୍ଜନ କରିବେ ଖବରକାଗଜ ବିକ୍ରେତା ସଂଘ

**କୁଜଙ୍ଗ, ୧୬।୫(ସମିସ):** ରାଜ୍ୟ ସରକାର ନିର୍ବାଚନ ଘୋଷଣା ପୂର୍ବରୁ ସମାଜର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଭିନ୍ନ ଭିନ୍ନ ବର୍ଗଙ୍କ ପାଇଁ ସହାୟତା ଘୋଷଣା ସହ ସହାୟତା ରାଶି ଓ ଅନୁଦାନ ପ୍ରଦାନ କରିଥିବା ବେଳେ, ରାଜ୍ୟର କୋଣ ଅନୁକୋଣରେ ଖବର ପହଞ୍ଚାଉଥିବା ଖବରକାଗଜ ବିକ୍ରେତାମାନଙ୍କ ପାଇଁ କୌଣସି ସୁବିଧା ଘୋଷଣା କରିନଥିବାରୁ ତାର ପ୍ରତିବାଦରେ କୁଜଙ୍ଗ ଖବର କାଗଜ ବିକ୍ରେତା ସଂଘ ପରିବାର ବର୍ଗ ସହ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବାର ଜଣାଇଛନ୍ତି। ଖାଲି ସେତିକି ନୁହେଁ ସାରା ଓଡିଶାର କୋଣ ଅନୁକୋଣରେ ଖବର କାଗଜ ବିକ୍ରେତାଭାବେ କାର୍ଯ୍ୟ କରୁଥିବା ସମସ୍ତ ଭାଇ ଭୋଟ ବର୍ଜନ କରିବାକୁ ନିବେଦନ କରିଛନ୍ତି। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ବିଶ୍ୱନାଥ ବିଶ୍ୱାଳ କହିଛନ୍ତି ଜୀବନକୁ ପାଣି ଛଡାଇ ଖରା ବର୍ଷା, ଶୀତ, ବାତ୍ୟା, ବନ୍ୟାକୁ ଖାତିର ନକରି ଖବରଦାତା ଓ ଖବର କାଗଜ ବିକ୍ରେତା ଜନସାଧାରଣଙ୍କର ସମସ୍ୟା ଉପସ୍ଥାପନ ସହ କୋଣ ଅନୁକୋଣରେ ଖବର ପହଞ୍ଚାଉଥିବା ବେଳେ ସରକାରଙ୍କ ଏଭଳି ବୈମାତୃକ ମନୋଭାବ ଗ୍ରହଣୀୟ ନୁହେଁ। ତେଣୁ ଆଗାମୀ ନିର୍ବାଚନରେ ସେମାନେ ଭୋଟ ବର୍ଜନ କରିବା ସହ ସମସ୍ତ ବିକ୍ରେତା ସଂଘ ଭୋଟ ବର୍ଜନ କରିବାକୁ ନିବେଦନ କରିଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ନାଥ, ଦେବେନ୍ଦ୍ର ମହାନ୍ତି, ପ୍ରକାଶ ଭୋଳ, ଅକ୍ଷୟ ବିଶ୍ୱାଳ, ଧନେଶ୍ୱର ସାହୁ, ଆଲୋକ ଦଳାଇ ପ୍ରମୁଖ ବିକ୍ରେତା ଉପସ୍ଥିତ ଥିଲେ।

## ମହାଗିରି ପୀଠରେ ଶଅର ସମ୍ପ୍ରଦାୟ ଆଦିବାସୀଙ୍କ ବୈଠକ



**ବାଲିଚନ୍ଦ୍ରପୁର, ୧୬।୫(ସମିସ):** ଶଅର ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ଆବାହକ ସୁଧାଂଶୁ ଶେଖର ଦେଓଙ୍କୁ ବଡଚଣା ଓ ଧର୍ମଶାଳା ଶଅର ସମାଜ ପକ୍ଷରୁ ମଝିପଡା ଗ୍ରାମର ମହାଗିରି ଓ ନୀଳମାଧବ ପୀଠରେ ଆଦିବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବାରମ୍ବାର ଦାବି ପରେ ଗତ ଫେବୃଆରୀ ମାସରେ ସରକାର ଶଅର ସମ୍ପ୍ରଦାୟଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନ କରିଥିଲେ। ଏଥିପାଇଁ ବଡଚଣାର ବିଭିନ୍ନ ଆଦିବାସୀପଡାରେ ଜିଲ୍ଲା ଶବର ସମାଜ ପକ୍ଷରୁ ପୂଜାର୍ଚ୍ଚନା କରାଯାଇଥିଲା। ଧର୍ମଶାଳା ଅଞ୍ଚଳରୁ ଆସିଥିବା ଧୀର ଦେହୁରୀ, ଧ୍ରୁବଚରଣ ଘଡାଇ, ଅରକ୍ଷିତ ଦେହୁରୀ, ଯୋଗେନ୍ଦ୍ର ବେହେରା, ଜଗନ ଦେହୁରୀ, ସିଦ୍ଧିଆ ଦେହୁରୀ, ବିଦ୍ୟାଧର ଦେହୁରୀ, ଦର୍ପଣଗଡର ରାମଚନ୍ଦ୍ର ଦେହୁରୀ, ମଦନ ଦେହୁରୀ, କାର୍ତ୍ତିକ ଦେହୁରୀ, ରୂପ ଦେହୁରୀ, ବିମଳି ଦେହୁରୀ, ଝୁଲି ଦେହୁରୀଙ୍କ ସମେତ ବହୁଲୋକ ଉପସ୍ଥିତ ଥିଲେ।

### ଚୋରା ତେଲ ଗ୍ୟାଙ୍ଗ ସକ୍ରିୟ

## ଦୁଇ ଟ୍ୟାଙ୍କର ସହ ୧୧ ଶହ ଲିଟର ଡିଜେଲ ଜବତ ଓ ୪ ଗିରଫ

**ପାରାଦୀପ, ୧୬।୫ (ସମିସ) :** ପାରାଦୀପରେ ଚୋରା ତେଲ ଗ୍ୟାଙ୍ଗ ସକ୍ରିୟ ରହିଛି ଏକଥାକୁ ମାନିନେବାକୁ ହେବ।ଟ୍ୟାଙ୍କର ଓ ଟ୍ରକରୁ ପ୍ରତ୍ୟେକ ଦିନ ହଜାର ହଜାର ଲିଟର ଡିଜେଲ ବାହାର କରାଯାଇ ବିକ୍ରି କରାଯାଉଛି।୩୦ରୁ ଅଧିକ ଚୋରା ତେଲ ବ୍ୟବସାୟୀ ଏଥିରୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଗତ ସପ୍ତାହରେ ପୁଲିସ ହଜାର ହଜାର ଲିଟର ଚୋରା ଡିଜେଲ ସହ ସେଗୁଡିକୁ ରଖୁଥିବା ଏକ ଡିପୋ ଉପରେ ଚଢଉ କରି ୫ ଜଣଙ୍କୁ ବାନ୍ଧି ଜେଲ ପଠାଇ ଥିବା ବେଳେ ପୁଣି ଆଜି ସକାଳେ ହାତୀକଣ୍ଟା ନିକଟରେ ଏକ ନିର୍ଜନ ସ୍ଥାନରୁ ଦୁଇଟି ଟ୍ୟାଙ୍କରରୁ ତେଲ ବାହାର କରାଯାଉଥିବା ବେଳେ ପୁଲିସ ୪ ଜଣଙ୍କୁ ଗିରଫ କରିଛି।ସେମାନଙ୍କ ମଧ୍ୟରେ ଦୁଇ ଜଣ ସେହି ଟ୍ୟାଙ୍କରର ଡ୍ରାଇଭର ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ସେମାନଙ୍କର ସହଯୋଗୀ ରହିଥିଲେ।ସେମାନେ ପାଖରେ ରଖିଥିବା ୧୧ ସହ ଲିଟର ଡିଜେଲକୁ ମଧ ପୁଲିସ ଜବତ କରିଛି।ତେଲ ବାହାର କରିବା ପାଇଁ ସେମାନେ ବ୍ୟବହାର କରିଥିବା ଡ୍ରମ ଓ ସରଞ୍ଜାମକୁ ଜବତ କରାଯାଇଛି।ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ପାରାଦୀପ ଅଞ୍ଚଳରେ ଚୋରା ତେଲ କାରବାରର ର୍‌ୟାକେଟ ସକ୍ରିୟ ରହିଛି।ପୁଲିସ ଏଥିପ୍ରତି ଦୃଷ୍ଟି ଦେବାକୁ ଟ୍ରକ ମାଲିକ ସଙ୍ଘ ପକ୍ଷରୁ ଦାବି ହେଉଛି।ଏବେଠୁ ଏହାକୁ ରୋକା ନ ଗଲେ ଏହା ଆଗକୁ ବଢି ଚାଲିବ ବୋଲି ଜଣାପଡିଛି।

## ମତ୍ସ୍ୟଜୀବୀ ନିଖୋଜ: ୨୪ ଘଣ୍ଟା ପରେ ବି ମିଳିନି ପତ୍ତା

**ପାରାଦୀପ,୧୬।୫(ସମିସ):** ପାରାଦୀପ ନେହେରୁବଙ୍ଗଳା ମୁହାଣରେ ମାଛ ଧରୁଥିବା ବେଳେ ଜଣେ ମତ୍ସ୍ୟଜୀବୀ ନିଖୋଜ ହୋଇଯାଇଛନ୍ତି। ନିଖୋଜ ମତ୍ସ୍ୟଜୀବୀ ହେଲେ ଅରା ବାଡୋଇଙ୍କ ପୁଅ ଶଶୀ ବାଡେଇ। ଗତକାଲି ରାତି ୧୦ ଟାରେ ଶଶୀ ଭଉଁରୀ ଜାଲ ପକାଇବାକୁ ମୁହାଣକୁ ଯାଇଥିଲେ। ପଥର ଉପରେ ଛିଡା ହୋଇ ଜାଲ ପକାଉଥିବା ବେଳେ ସମୁଦ୍ରକୁ ଖସିଯାଇଛନ୍ତି। ସମୁଦ୍ରରେ ଅତ୍ୟଧିକ କରେଣ୍ଟ ଓ ଉଚ୍ଚ ଜୁଆର ଯୋଗୁଁ ସମୁଦ୍ରକୁ ଖସିଯାଇଥିବା ଅନୁମାନ କରାଯାଉଛି। ତେବେ ଏ ସମ୍ପର୍କରେ ଶଶୀଙ୍କ ଭାଇ ନେହେରୁବଙ୍ଗଳା ମେରାଇନ ଥାନାକୁ ଜଣାଇବା ପରେ କୁଜଙ୍ଗ ଅଗ୍ନିଶମ ବିଭାଗ ଅଧିକାରୀ ଓ ମେରାଇନ ପୁଲିସ ପକ୍ଷରୁ ଉକ୍ତ ଅଞ୍ଚଳରେ ଖୋଜାଖୋଜି କରିଥିଲେ। ବିଳମ୍ବିତ ରାତି ଓ ଅନ୍ଧାର ସହିତ ଉଚ୍ଚ ଢେଉ ଯୋଗୁଁ ଶଶୀଙ୍କୁ ଖୋଜିବାରେ ସମସ୍ୟା ସୃଷ୍ଟି ହୋଇଥିଲା।ପୁଣି ଆଜି ସକାଳୁ ମେରାଇନ ପୁଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ବହୁ ଖୋଜା ଖୋଜି କରାଯାଇଥିଲେ ମଧ କୌଣସି ସନ୍ଧାନ ମିଳି ନ ଥିବା ମେରାଇନ ଥାନା ଅଧିକାରୀ ବବିତା ଦେହୁରୀ ସୂଚନା ଦେଇଛନ୍ତି।

## ସହପ୍ରତି ଋତ୍ୱିକ ନାରାୟଣଚନ୍ଦ୍ର ପଟ୍ଟନାୟକଙ୍କ ପରଲୋକ

**ବିଞ୍ଝାରପୁର,୧୬।୫(ସମିସ):** ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଓ ସତସଙ୍ଗ ଧର୍ମାନୁଷ୍ଠାନ ସହିତ ଦୀର୍ଘ ଷାଠିଏ ବର୍ଷ ଧରି ଜଡ଼ିତ ଥାଇ ନିରବଚ୍ଛିନ୍ନ ଭାବେ ଜଣେ ସେବକର ଭୂମିକା ନିର୍ବାହ କରିଚାଲୁଥିବା ସତସଙ୍ଗର ପ୍ରବୀଣ ଋତ୍ୱିକ ନାରାୟଣଚନ୍ଦ୍ର ପଟ୍ଟନାୟକଙ୍କ ଆଜି ଭୋର ୪ଟା ସମୟରେ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ତଳେ ହୃଦଘାତଜନିତ ପ୍ରବାହ ଯୋଗୁ ଅସୁସ୍ଥ ଥିଲେ। ୧୯୬୬ରେ ସେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଚରଣାଶ୍ରିତ ହେବା ସହିତ ଠାକୁରଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ପରେ ସହପ୍ରତିଋତ୍ୱିକ ଭାବେ ସେ ଆଶୀର୍ବାଦପ୍ରାପ୍ତ ହୋଇ ଅଗଣିତ ପଥଭ୍ରଷ୍ଟ ମଣିଷଙ୍କୁ ଠାକୁରଙ୍କ ଦର୍ଶନ ପ୍ରତି ଆକୃଷ୍ଟ କରି ସେମାନଙ୍କ ଜୀବନ ଚଳନିକୁ ଇଷ୍ଟାନୁରକ୍ତ କରିଥିଲେ। କେବଳ ଯାଜପୁର ଜିଲ୍ଲା ନୁହେଁ ସାରା ଓଡ଼ିଶାରେ ସେ ସତସଙ୍ଗର କେନ୍ଦ୍ର ମନ୍ଦିର ନିର୍ମାଣ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିଥିଲେ। ତାଙ୍କ ପରଲୋକ ଖବର ପାଇବା ପରେ ଅବିଭକ୍ତ କଟକ, ବାଲେଶ୍ୱର, କେନ୍ଦୁଝର ଜିଲ୍ଲାରୁ ବହୁ ସତସଙ୍ଗୀ ତାଙ୍କ ଚଣ୍ଡିପୁରସ୍ଥ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।



ସ୍ୱର୍ଗତ ନାରାୟଣଚନ୍ଦ୍ର ପଟ୍ଟନାୟକଙ୍କ ଶବାଧାରକୁ କୀର୍ତ୍ତନ ଓ ଭବ୍ୟ ଶୋଭାଯାତ୍ରାରେ ପ୍ରୀତିପୁର ଓ ଦଶରଥପୁର ସତସଙ୍ଗ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଉପସ୍ଥିତ ଶହଶହ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ତାଙ୍କର ଶେଷ ଦର୍ଶନ କରିବାର ସୁଯୋଗ ପାଇଥିଲେ। ସତସଙ୍ଗର ସହସମ୍ପାଦକ ତଥା ପ୍ରତିଋତ୍ୱିକ ଡା. ବିନାୟକ ମହାପାତ୍ର, ସହପ୍ରତିଋତ୍ୱିକ ଡ. ବିଜୟ କୁମାର ନାୟକ, ଡ. ବୈରାଗୀ ଚରଣ ଦ୍ୱିବେଦୀ, ରତନଲାଲ ଭୂୟାଁ, ସୁଜନ କୁମାର ସାହୁ, ଇଂ. ରଞ୍ଜିତ କୁମାର ମୁଦୁଲି, ରମାକାନ୍ତ ଦାସ, ଭାସ୍କରଚନ୍ଦ୍ର ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କାମ ନିମ୍ନମାନର

## ଦେଉଳ ସାହି-ନୂଆପଡ଼ା ରାସ୍ତାରୁ ଉଠିଗଲାଣି ଗୋଡ଼ି

**ରାଜକନିକା,୧୬।୫(ସମିସ)**

ରାଜକନିକା ବ୍ଲକ ଅନ୍ତର୍ଗତ ଦେଉଳତରା ଠାରୁ ଅଚ୍ୟୁତପୁର ଯାଏ ହୋଇଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତାର ଦେଉଳସାହିଠାରେ ଗୋଡ଼ିବାହାରି ଗଲାଣି। ଫଳରେ ବର୍ଷା ଋତୁରେ ଏହି ରାସ୍ତାର ସ୍ଥାୟିତ୍ୱ ନେଇ।ସାଧାରଣରେ ପ୍ରଶ୍ନ ଉଠିଲାଣି ।ସୂଚନା ମୁତାବକ ଗ୍ରାମ୍ୟ ଉନ୍ନୟନ ବିଭାଗ- ୨ କେନ୍ଦ୍ରାପଡ଼ା ଅଧିନସ୍ଥ ଓଡିଶା ସରକାରଙ୍କ ୧୫.୪୧୭ କିମି ଏହି ରାସ୍ତା ନିର୍ମାଣରେ ସାତ କୋଟି ଟଙ୍କାରୁ ଅଧିକ ବ୍ୟୟ ହୋଇଛି ।ଏଥିପାଇଁ ବିଭିନ୍ନ ସ୍ଥାନରେ ଢଳେଇ ଆଉ ପିଚୁ କରାଯାଇଛି । ହେଲେ ବିଭାଗୀୟ ଅଣଦେଖା ସହିତ ଠିକାଦାରଙ୍କ ପ୍ରତି ଅହେତୁକ



ଅନୁକମ୍ପା ଫଳରେ କାମ ନିମ୍ନମାନର ହୋଇଥିବାର ଅଭିଯୋଗ ହେଉଛି। ତଥାପି ବି ରାସ୍ତାର ସ୍ଥାୟୀତ୍ୱ ପ୍ରତି ସନ୍ଦେହ ସୃଷ୍ଟି ହେଲାଣି । ମୁଖ୍ୟତଃ ବିଭିନ୍ନ ସ୍ଥାନରେ ଗୋଡ଼ି ବାହାରି ଗଲାଣି । ହାବଳଗଣ୍ଡ ଖରାଅଣ୍ଟା ରାସ୍ତାରେ ଏବେ ଏକା ଅବସ୍ଥା । ସେହିଭଳି ଦେଉଳ ସାହି ନୂଆପଡ଼ା ରାସ୍ତାରୁ ପ୍ରାୟ ସବୁ ସ୍ଥାନରେ ବି ଗୋଡ଼ି ଜଳ ଜଳ ଦିଶୁଛି। ଏହାଛଡା ଦେଉଳତରାଠାରେ ରାସ୍ତା ଖରାପ ହେବା ନେଇ ମଧ ଅଭିଯୋଗ ହୋଇ ଆସୁଛି ।ସୂଚନା ଖମ୍ବ ବି ଭାଙ୍ଗି ତଳେ ଲୋଟିଲାଣି । ଏସବୁ ପରେ ବି ବିଭାଗୀୟ ଅଧିକାରୀ ଆଉ ଠିକାଦାର ପ୍ରୀତି ରାସ୍ତାକୁ ଲେଉଟିଆ କିଆରି ସଜାଇଛି ବୋଲି ଅଭିଯୋଗ ହେଉଛି। ହେଲେ ଏତେ ପରେ ବି ରଠ କାମ କରିଠିକାଦାର ଆଉ ରାସ୍ତା ପ୍ରତି ନଜର ଦେଉ ନାହାନ୍ତି ।ଯଦିଓ ରକ୍ଷଣାବେକ୍ଷଣ ପାଇଁ ଦୀର୍ଘ ଅବଧି ରହିଛି ।ତେବେ ବି ବିଭାଗୀୟ ତତ୍ପରତା ଏଠାରେ ଦେଖା ଯାଉନାହିଁ। ଏଣୁ ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।ତୁରନ୍ତ ଉଚ୍ଚାଧିକାରୀ ଏଥିନେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ହୃଦ୍‌ଘାତରେ ପୂର୍ବତନ ୱାର୍ଡସଭ୍ୟଙ୍କ ପରଲୋକ

**ବାଲିଚନ୍ଦ୍ରପୁର,୧୬।୫(ସମିସ):** ବଡ଼ଚଣା ବ୍ଲକ ତଥା ଭରତପୁର ପଞ୍ଚାୟତ ଅନ୍ତର୍ଗତ ପାରିପଲେଇ ଗ୍ରାମ ୱାର୍ଡର ପୂର୍ବତନ ୱାର୍ଡ ସଭ୍ୟ ଭାଗ୍ୟଧର ଘଡ଼ାଇ(୮୫)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ଭାଗ୍ୟଧର ନିଜ ବାସଭବନରେ ଥିବାବେଳେ ହୃଦ୍‌ଘାତର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିବାବେଳେ ବଡ଼ପୁଅ ରଘୁନାଥ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଘଡ଼ାଇ ଏହି ୱାର୍ଡରେ ଦୁଇଥର ୱାର୍ଡ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ରଙ୍କ ସେ ଅନୁଗାମୀ ଥିଲେ। ଜଣେ ଆଦର୍ଶ କୃଷକ ଭାବେ ମଧ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ଥିଲା। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ଶ୍ରୀ ମହାପାତ୍ର, ଶିକ୍ଷାବିତ ଭାଗବତ ପ୍ରଧାନ, ଜୟରାମ ଜଗଦୀଶ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ ଓ ନିମାଇଁ ବେହେରା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ବିଜେଡି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ଜୋର୍‌ଦାର୍ ପ୍ରଚାର



**ଖମାର, ୧୬।୫(ସମିସ):** ପାଲଲହଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ମୁକେଶ କୁମାର ପାଳ ବିଭିନ୍ନ ପଞ୍ଚାୟତରେ ଜୋରଦାର ପ୍ରଚାର କରିବା ସହିତ ଲୋକମାନଙ୍କୁ ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଛନ୍ତି। ଏହି ପରିପେକ୍ଷୀରେ ଆଜି ବିଧାୟକ ପ୍ରାର୍ଥୀ ମୁକେଶ କୁମାର ପାଳ ଏବଂ ସାଂସଦ ପ୍ରାର୍ଥୀ ଡ.ଅବିନାଶ ସାମଲ ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ଖମାର, ଶଙ୍ଖପୁର, ପରାଛାଟ, ରଜଡଙ୍ଗ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ବିଶାଳ ବାଇକ୍ ଶୋଭାଯାତ୍ରାରେ ଯାଇ ପ୍ରଚାର କରିଥିଲେ। ବିଭିନ୍ନ ଗ୍ରାମରେ ସାଂସଦ ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିବା ଦେଖିବାକୁ ମିଳିଥିଲା। ଶୋଭାଯାତ୍ରାରେ ଜୋନ ସଂଯୋଜକ ଦିଲ୍ଲୀପ ଉଦାବଳ, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ୍, ଜିଲ୍ଲା ଉପସଭାପତି ଲକ୍ଷ୍ମୀଧର ବିଶ୍ୱାଳ, ବ୍ଲକ ମହିଳା ସଭାପତି ସତ୍ୟଭାମା ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ଇନ୍ଦିରା ହେମ୍ବ୍ରମ, ସୁଲୋଚନା ସେଠୀଙ୍କ ସହିତ ସମସ୍ତ ପଞ୍ଚାୟତ ବିଜେଡି ସଭାପତି, ସଂପାଦକ, ସରପଞ୍ଚ, ସମିତି ସଭ୍ୟ ଏବଂ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ପକ୍ଷାଘାତରେ ଦୁଇ ଯୁବକଙ୍କ ମୃତ୍ୟୁ

**କାଳିଆପାଣି, ୧୬।୫(ସମିସ):** ଗତ ଦୁଇ ସପ୍ତାହ ମଧ୍ୟରେ କାଳିଆପାଣି ଖଣି ଅଞ୍ଚଳର ଦୁଇଜଣ ଯୁବକ ପକ୍ଷାଘାତ ଯୋଗୁଁ ମୃତ୍ୟୁବରଣ କରିଛନ୍ତି। ରବିବାର ସନ୍ଧ୍ୟା ୫ଟା ସମୟରେ ଚିଙ୍ଗୁଡ଼ିପାଳ ପଞ୍ଚାୟତ ଅନ୍ତର୍ଗତ ରଗଦା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ପକ୍ଷାଘାତ ହୋଇଥିଲା। ରଗଦା ଦେହୁରୀ ସାହିର ଯନାରଣ ଦେହୁରୀଙ୍କ ପୁତ୍ର ମହେନ୍ଦ୍ରଙ୍କୁ ହଠାତ ପକ୍ଷାଘାତ ହେବା ଦେଖି ତାଙ୍କୁ ପ୍ରଥମେ ସ୍ଥାନୀୟ କାଳିଆପାଣି କେନ୍ଦ୍ରୀୟ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ ସେଠାରୁ ତାଙ୍କୁ କଳିଙ୍ଗନଗରସ୍ଥ ଟାଟା ମେଡିକାକୁ ନିଆଯାଇଥିଲା ଓ ସେଠାରୁ କଟକସ୍ଥ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚାରିଦିନ କୋମାରେ ରହି ବୁଧବାର ରାତିରେ ପ୍ରାଣତ୍ୟାଗ କରିଛନ୍ତି। ସେହିପରି ଭୀମଟାଙ୍ଗର ଗ୍ରାମର ଜଣେ ଯୁବକଙ୍କର ମଧ୍ୟ ପକ୍ଷାଘାତରେ ମୃତ୍ୟୁ ହୋଇଯାଇଛି। ଏହାକୁ ମିଶାଇ ଦୁଇ ସପ୍ତାହ ମଧ୍ୟରେ ପକ୍ଷାଘାତ କାରଣ ଯୋଗୁଁ ଦୁଇ ଦୁଇଜଣ ଯୁବକଙ୍କ ମୃତ୍ୟୁ ଖବର ଖଣି ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

## ଅବ୍ୟବସ୍ଥାରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ସପ୍ତାହରେ ଥରୁଟିଏ ବି ବଦଳୁନି ବେଡ୍‌ସିଟ୍

**ଅନୁଗୋଳ ୧୬।୫(ସମିସ)**

ଅବ୍ୟବସ୍ଥା ଘେରରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ଏହି ଜିଲ୍ଲା ହେଡକ୍ୱାର୍ଟର ସବୁବେଳେ ଚିକିତ୍ସାରେ ଅବହେଳା ତଥା ରୋଗୀଙ୍କୁ ଉଚିତ ସେବା ଯୋଗାଉ ନ ଥିବାରୁ ଚର୍ଚ୍ଚାରେ ଥିଲେ ମଧ୍ୟ ବ୍ୟବସ୍ଥା ସୁଧୁରିବାର ନାଁ ଧରୁନି। ହସ୍ପିଟାଲରେ ଗତ ସାତଦିନ ହେଲାଣି

**● ଦୁର୍ଗନ୍ଧରେ କଲବଲ ହେଉଛନ୍ତି ରୋଗୀ**



ରୋଗୀମାନଙ୍କୁ ବେଡସିଟ୍ ଦିଆଯାଉନାହିଁ। ଗୋଟିଏ ପୁରୁଣା ବେଡସିଟରେ ସପ୍ତାହଟେ ହେଲାଣି ରୋଗୀମାନେ ଶୋଉଛନ୍ତି। ନିର୍ମଳ ଯୋଜନା ମୁତାବକ ହସ୍ପିଟାଲରେ ସାତଦିନରେ ସାତ ରଙ୍ଗର ବେଡସିଟ୍ ପଡ଼ିବା କଥା। କିନ୍ତୁ ଏଠାରେ ପରିଚାଳନାଗତ ତ୍ରୁଟି ହେତୁ ଗୋଟିଏ ବେଡସିଟକୁ ରୋଗୀମାନେ ୬-୭ ଦିନ ଧରି ବ୍ୟବହାର କରୁଛନ୍ତି। ଏଥିରେ ରୋଗ ସଂକ୍ରମଣର ଭୟ ରହିବା ସହ ପରିବେଶ ଦୁର୍ଗନ୍ଧମୟ ହୋଇପଡୁଛି। ସେହିଭଳି ସର୍ଜରୀ ଓ ହାଡ଼ ବିଭାଗରେ ବେଡ୍ ଅଭାବରୁ ରୋଗୀ ତଳେ ଶୋଉଥିବା ଦେଖିବାକୁ ମିଳିଛି। ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି। ଏଥିସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସବୁ ପ୍ରକାର ସୁବିଧା ଯୋଗାଇ ଦେବାକୁ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

# ସୂଚନା ଅଧିକାରରେ ମିଳୁନି ତଥ୍ୟ

**କବାଟବନ୍ଧ, ୧୬।୫(ସମିସ):** ସୂଚନା ଅଧିକାର ଆଇନରେ ଠିକ୍ ସମୟରେ ସୂଚନା ଦେଉନାହାନ୍ତି ଧର୍ମଶାଳା ବ୍ଲକ ସୂଚନା ଅଧିକାରୀ। ଧର୍ମଶାଳା ବ୍ଲକର ଜଣେ ଆବେଦନକାରୀ ଗତ ଡିସେମ୍ବର ୨୬ରେ ମଧୁସୂଦନପୁର ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା ଓ କାର୍ଯ୍ୟ କୋର୍ଡ଼ ନମ୍ବର ୧୦୩୮ ୭୧୩୧ରେ ମଧୁକେଶ୍ୱର ଖେଳପଡ଼ିଆର ଉନ୍ନତିକରଣ ଓ ମର୍ଜିତାପୁର ପଞ୍ଚାୟତରେ ନିର୍ମାଣଧୀନ ପାର୍କ ଓ ଅନ୍ୟାନ୍ୟ କିଛି ତଥ୍ୟ ପାଇଁ ବ୍ଲକ ସୂଚନା ଅଧିକାରୀଙ୍କୁ ଆବେଦନ କରିଥିଲେ। ଧର୍ମଶାଳା ବ୍ଲକ ଜନସୂଚନା ଅଧିକାରୀ ଅସିତ ପାତ୍ର ୨୦୨୩ ଡିସେମ୍ବର ୨୯ ତାରିଖରେ ଚିଠି ନମ୍ବର ୮୮୦୯(୨)ରେ ମଧୁସୂଦନପୁର ପଞ୍ଚାୟତ ପିଇଓ ମୁକ୍ତିରଞ୍ଜନ ପାତ୍ର ଓ ମର୍ଜିତାପୁର ପଞ୍ଚାୟତ ପିଇଓ ନିର୍ମଳ ପଣ୍ଡାଙ୍କୁ ଆବେଦନକାରୀ ଚାହୁଁଥିବା ସମସ୍ତ ତଥ୍ୟ ୨୫ ଜାନୁଆରୀ ୨୦୨୪ ପୂର୍ବରୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମଧୁସୂଦନପୁର ପଞ୍ଚାୟତ ପିଇଓ ମୁକ୍ତିରଞ୍ଜନ ପାତ୍ର ଏହି ନିର୍ଦ୍ଦେଶକୁ ଅଣଦେଖା କରିଥିଲେ। ମର୍ଜିତାପୁର ପଞ୍ଚାୟତ ପିଇଓ ନିର୍ମଳ ଚନ୍ଦ୍ର ପଣ୍ଡା ୩ ଜାନୁଆରୀ ୨୦୨୪ରେ ଆବେଦନକାରୀଙ୍କୁ ଚିଠି ନମ୍ବର ୧ରେ ସୂଚନା ପ୍ରଦାନ ନିମନ୍ତେ ଆବଶ୍ୟକ ଦେୟ ଓ ଡାକ ଖର୍ଚ୍ଚ ବାବଦକୁ ୨୫୫ ଟଙ୍କା ୭ ଦିନ ମଧ୍ୟରେ ଦାଖଲ କରିବାକୁ ଚିଠି ଦେଇଥିଲେ। ଆବେଦନକାରୀ ଏହି ଦେୟ ଚିଠି ପାଇବାର ୬ ଦିନ ମଧ୍ୟରେ ମନିଅର୍ଡର କରିଥିଲେ। ପରେ ଶ୍ରୀ ପଣ୍ଡା ୫ ଫେବୃଆରୀ ୨୦୨୪ରେ ଚିଠି ନମ୍ବର ୮ରେ ଆବେଦନକାରୀଙ୍କ ମନିଅର୍ଡର ଟଙ୍କାକୁ ଫେରସ୍ତ କରି ଅସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରି ପୂର୍ବତନ ପିଇଓ ମୁକ୍ତିରଞ୍ଜନ ପାତ୍ର ମତେ କୌଣସି ନଥିପତ୍ର ହସ୍ତଗତ କରି ନ ଥିବାରୁ ମୁଁ ଆପଣଙ୍କୁ ମାଗିଥିବା ତଥ୍ୟ ଦେଇପାରୁନାହିଁ ବୋଲି ଜଣାଇଥିଲେ। ଆବେଦନକାରୀଙ୍କୁ ୩୦ ଦିନ ମଧ୍ୟରେ ସୂଚନା ପ୍ରଦାନ କରିବାକୁ ନିୟମ ରହିଥିଲେ ହେଁ ଆଜି ପର୍ଯ୍ୟନ୍ତ ଅର୍ଥାତ ପ୍ରାୟ ୫ ମାସ ହେବ ସୂଚନା ଅଧିକାରୀ ଶ୍ରୀ ପଣ୍ଡା ତାଙ୍କୁ କୌଣସି ସୂଚନା ପ୍ରଦାନ କରିନାହାନ୍ତି।

## କୁଅରୁ ଛେଳି ଉଦ୍ଧାର କରୁଥିବା ଯୁବକଙ୍କ ମୃତ୍ୟୁ

**ଗଁଦିଆ, ୧୬।୫ (ସମିସ) :** ଆଜି ସନ୍ଧ୍ୟା ସମୟରେ ଘଟିଯାଇଛି ଏକ ଦୁଃଖଦ ଘଟଣା। କୁଅରୁ ଛେଳି ଉଦ୍ଧାର କରିବାକୁ ଯାଇ ଜଣଙ୍କର ମୃତ୍ୟୁ ଘଟିଛି। ପୁଲିସ ଠାରୁ ପ୍ରକାଶ ଯେ, ଗଁଦିଆ ଥାନା ଅନ୍ତର୍ଗତ ସୋରିଶିଆପଦା ଗ୍ରାମ ପଞ୍ଚାୟତ ଅଧୀନ ବଣିଆ ଗ୍ରାମର ପାତ୍ର କାଲୁଣ୍ଡିଆ ଙ୍କ ପୁଅ ଗୋପୀ କାଲୁଣ୍ଡିଆ (୩୮) ନିଜ ଘର ପାଖରେ ଥିବା ଏକ ଖୋଲା କୂଅରେ ତା'ର ଏକ ଛେଳି ଖସିପଡ଼ିଥିଲା। ଉକ୍ତ ଛେଳିକୁ ଉଦ୍ଧାର କରିବାକୁ ଯାଇ ଗୋପୀ ନିଜେ ଉକ୍ତ କୂଅକୁ ଡେଇଁ ପଡ଼ିଥିଲା। କିନ୍ତୁ ଛେଳି ସହିତ ଗୋପୀ ଦୀର୍ଘ ସମୟ ଧରି ନଆସିବାରୁ ଗ୍ରାମବାସୀ ଗଁଦିଆ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋପୀ ଓ ଛେଳି ଛୁଆକୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ଶ୍ୱାସରୁଦ୍ଧ କାରଣରୁ ଏହି ମୃତ୍ୟୁ ହୋଇଥିବା ଜଣାଯାଏ। ଖବର ପାଇ ଗଁଦିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଗୋପୀର ଶବ ଜବତ କରି ଢେଙ୍କାନାଳ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଫେରାର ଅଭିଯୁକ୍ତ କୋର୍ଟଚାଲାଣ

**ଗଁଦିଆ, ୧୬।୫ (ସମିସ) :** ଦୀର୍ଘଦିନ ଧରି ଫେରାର ଥିବା ଜଣେ ଅଭିଯୁକ୍ତକୁ ଆଜି ଗଁଦିଆ ପୁଲିସ କୋର୍ଟ ଚାଲାଣ କରିଛି। ଗଁଦିଆ ଥାନା ଅନ୍ତର୍ଗତ ପୋରୁହଖୋଜ ଗ୍ରାମ ପଞ୍ଚାୟତ ଅଧୀନ ଠାକୁରାପାଳ ଗ୍ରାମର ପ୍ରଫୁଲ୍ଲ ପୁହାଣ (୬୫) ନାମରେ ୨୦୧୨ ମସିହାରେ ଏକ ମାମଲା ରୁଜୁ ହୋଇଥିଲା। ସେ ସେହିଦିନଠାରୁ ଫେରାର ଥିଲା। ଗତକାଲି ଗଁଦିଆ ପୁଲିସ ଗ୍ରାମ ପାଖ ଜଙ୍ଗଲରେ ଥିବାର ଖବର ପାଇ ତାକୁ ଘଟଣାସ୍ଥଳରୁ ଗିରଫ କରିଥିଲା।

## ବିନୟ ବର୍ମାଙ୍କ ପରଲୋକ

**ଢେଙ୍କାନାଳ, ୧୬।୫(ସମିସ):** କାମାକ୍ଷାନଗର ଅନନ୍ତପୁର ସାହିର ବରିଷ୍ଠ ନାଗରିକ ବିନୟ କୁମାର ବର୍ମା(୭୦)ଙ୍କ ପରଲୋକ ଘଟିଛି। ବ୍ରେନ୍ ଷ୍ଟୋକରେ ଆକ୍ରାନ୍ତ ହେବା ପରେ ବିନୟ କୁମାରଙ୍କୁ ପ୍ରଥମେ କାମାକ୍ଷାନଗର ଡାକ୍ତରଖାନା ଓ ପରେ ଢେଙ୍କାନାଳ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାର ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ଦୁଇ ପୁଅ ଲିପୁ ବର୍ମା ଏବଂ ପପୁ ବର୍ମା ଉପସ୍ଥିତ ଥିଲେ। ଢେଙ୍କାନାଳ ଡାକ୍ତରଖାନାରୁ ମୃତଦେହ ଅନନ୍ତପୁରକୁ ଆଣିବା ପରେ ତାଙ୍କର ପୈତୃକ ଗ୍ରାମ ପରଜଙ୍ଗ ବ୍ଲକର ଖାଲପାଳ ନିଆଯାଇଥିଲା। ସେଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

## ସିନ୍ଦୁରାଇମୁହଁଠାରୁ ବ୍ରହ୍ମଚାରୀପାଟଣା ବୈତରଣୀ ନଦୀବନ୍ଧ ରାସ୍ତା କାମରେ ଅନିୟମିତତା

# ବନ୍ଧ କଡ଼ରୁ ମାଟି ଖୋଳି ରାସ୍ତା କାମ

**ବିପଦରେ ନଦୀବନ୍ଧ, ପୁଣି ଘାଇ ଆଶଙ୍କା**





**ଦଶରଥପୁର, ୧୬।୫(ସମିସ)**

ଯେଉଁ କାରଣକୁ ନେଇ ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତ ପାଟପୁର ନିକଟରେ ୨୦୧୪ରେ ବୈତରଣୀ ନଦୀବନ୍ଧରେ ୨ ହଜାର ଫୁଟ ଲମ୍ବର ଘାଇ ହୋଇଥିଲା, ଏବେ ସେହି କାର୍ଯ୍ୟ ଯୋଗୁ ପୁଣିଥରେ ଘାଇ ହେବା ଆଶଙ୍କା ସୃଷ୍ଟି ହୋଇଛି। ବୈତରଣୀ ନଦୀର ସିନ୍ଦୁରାଇମୁହଁଠାରୁ ବ୍ରହ୍ମଚାରୀପାଟଣା ପର୍ଯ୍ୟନ୍ତ ନଦୀବନ୍ଧ କାମ ଚାଲିଥିବାବେଳେ ଠିକାଦାର ବନ୍ଧର ୧୦୦ ମିଟର ପାର୍ଶ୍ୱରୁ ମାଟି ଖୋଳି କାମ କରୁଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ନଦୀବନ୍ଧ ଉନ୍ନତିକରଣ କାମ କରୁଥିବା ଠିକା ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଦଶରଥପୁର ନଦୀକୂଳିଆବାସୀ ଆଗାମୀ ବର୍ଷା ଋତୁରେ ସମ୍ଭାବ୍ୟ ବନ୍ୟା ଦୁର୍ଦ୍ଦଶାର ସମ୍ମୁଖୀନ ହେବା ଆଶଙ୍କା ଦେଖାଦେଇଛି। ଠିକା ସଂସ୍ଥାର ବେପରୁଆ କାର୍ଯ୍ୟ ପ୍ରତି ଅଙ୍କୁଶ ଲଗାଇବାକୁ ନଦୀକୂଳବାସୀ ଦାବି କରିଛନ୍ତି।

ସିନ୍ଦୁରାଇମୁହଁଠାରୁ ବ୍ରହ୍ମଚାରୀପାଟଣା ପର୍ଯ୍ୟନ୍ତ ବୈତରଣୀ ନଦୀବନ୍ଧ ଉପରେ ଜିଲ୍ଲା ଗୃହ ଓ ରାସ୍ତା ନିର୍ମାଣ ବିଭାଗ ପକ୍ଷରୁ ନଦୀବନ୍ଧ ଉନ୍ନତିକରଣ କାର୍ଯ୍ୟ କରାଯାଉଛି। ଏଥିପାଇଁ ବିଭାଗ ପକ୍ଷରୁ ୮୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ କାର୍ଯ୍ୟାଦେଶ ପାଇଥିବା ଠିକାସଂସ୍ଥା ପକ୍ଷରୁ ନଦୀବନ୍ଧର ଦୁଇ ପାର୍ଶ୍ୱକୁ କଟାଯାଇ ମାଟି ଫିଲିଂ ହେଉଛି। ତେବେ ମୂଳ ବନ୍ଧକୁ ଉନ୍ନତିକରଣ ନାମରେ କାଟିବା ନିୟମ ନ ଥିବାବେଳେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କଟାଯାଇଥିବା ନଦୀବନ୍ଧ ପାର୍ଶ୍ୱକୁ ନଦୀବନ୍ଧ କଡ଼ରୁ ମାଟି ଖୋଳି ବନ୍ଧରେ ଫିଲିଂ କରାଯାଉଛି। ଏପରିକି ନଦୀବନ୍ଧ ପାର୍ଶ୍ୱରୁ ଏତେ ଗଭୀର ପରିମାଣରେ ମାଟି ଖୋଳାଯାଇଛି ଯେ ସେଠାରେ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଫଳରେ ନଦୀ ପାର୍ଶ୍ୱରେ ବସବାସ କରୁଥିବା ଜନବସତି ପ୍ରତି ବିପଦ ସୃଷ୍ଟି ହୋଇଛି। ପାଟପୁର, ବନପୁର, ଜୟନ୍ତରା ଆଦି ଗାଁ ପାର୍ଶ୍ୱ ନଦୀବନ୍ଧ ନିକଟରେ ପ୍ରାୟ ୧୦ରୁ ଅଧିକ ସ୍ଥାନରେ ବଡ଼ ବଡ଼ ଗାଡ଼ ଖୋଳା ହୋଇଥିବା ଦେଖାଦେଇଛି। ଏ ନେଇ ସ୍ଥାନୀୟ ବାସିନ୍ଦା ଠିକାସଂସ୍ଥାଠାରୁ ଆରମ୍ଭ କରି ରାସ୍ତା ଓ ଗୃହ ନିର୍ମାଣ ବିଭାଗ ସମେତ ଜଳ ସମ୍ପଦ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଠିକା ସଂସ୍ଥାର ଏହି ବେନିୟମ କାର୍ଯ୍ୟ ପ୍ରତି କେହି ଅଙ୍କୁଶ ଲଗାଉ ନାହାନ୍ତି।

୨୦୧୪ରେ ନଦୀବନ୍ଧ ସୁଦୃଢ଼ିକରଣ ସମୟରେ ଓସିସି କମ୍ପାନୀ ବନ୍ଧ କଡ଼ରୁ ମାଟି ଆଣି କାର୍ଯ୍ୟ କରିଥିଲା। ସେହି ବର୍ଷ ଜୁଲାଇ ମାସରେ ଦଶରଥପୁର ବ୍ଲକ ପାଟପୁରଠାରେ ସୃଷ୍ଟି ହୋଇଥିବା ୨ ହଜାର ଫୁଟର ଘାଇ ଯୋଗୁଁ ଦଶରଥପୁର ବ୍ଲକ ଅଧୀନ ୧୯ ଟି ପଞ୍ଚାୟତର ଶତାଧିକ ପରିବାର ବେଘର ହୋଇଥିଲେ। ହଜାର ହଜାର ହେକ୍ଟର ଚାଷ ଜମିରେ ବନ୍ୟା ପାଣି ପଶି ଚାଷ ନଷ୍ଟ ହୋଇଥିଲା। ଯାହାକୁ ଦଶରଥପୁର ବ୍ଲକର ଲୋକେ ଏବେ ମଧ୍ୟ ଭୁଲି ନାହାନ୍ତି। ଏବେ ନଦୀବନ୍ଧ କାମ କରୁଥିବା ଠିକା ସଂସ୍ଥାର ବେପରୁଆ କାର୍ଯ୍ୟକୁ ନେଇ ନଦୀକୂଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଏ ସମ୍ପର୍କରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ କନିଷ୍ଠ ଯନ୍ତ୍ରୀ ରମେଶ ମହାପାତ୍ରଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବା କହିଥିବାବେଳେ ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ଅରୁଣ ତ୍ରିପାଠୀ ନିଜ ପ୍ରତିକ୍ରିୟାରେ ମାଟି ଉତ୍ତୋଳନ ଅଭିଯୋଗର ତଦନ୍ତ କରାଯିବ ବୋଲି କହିଥିଲେ।

## ବସୁଧା ଯୋଜନା ଦିଗହରା

# ଆଦିବାସୀଙ୍କ ଲାଗି ଚୁଆ ପାଣି ଭରସା

**ଢେଙ୍କାନାଳ, ୧୬।୫ (ସମିସ)**

ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଉପଖଣ୍ଡ ଅନ୍ତର୍ଗତ କଙ୍କଡ଼ାହାଡ଼ ବ୍ଲକ ବାଲିକୁମା ପଞ୍ଚାୟତର କଳସପୁର ଗାଁ କଇଁଆ ସାହିରେ ଜଳକଷ୍ଟ ଦେଖାଦେଇଛି। ସାହିରେ ବସବାସ କରୁଥିବା ୩୦ରୁ ଊର୍ଦ୍ଧ୍ୱ ଅନୁସୂଚିତ ଜନଜାତି ପରିବାର ପାଣି ପାଇଁ ନାହିଁ ନ ଥିବାର ସମ୍ମୁଖୀନ ହେଉଛନ୍ତି। ଗାଁ ଠାରୁ ୩ କିମି ଦୂରରେ ଅବସ୍ଥିତ ଏହି ସାହିକୁ ପାଣି ପାଇପ ବିଛାଯାଇ ନଥିବାରୁ ସାହିବାସୀ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି। ବାରମ୍ବାର ଅଭିଯୋଗ ପରେ ସୋଲାର ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। କିଛିମାସ ଠିକ୍ ଠାକ୍ ଚାଲିବା ପରେ ଏହା ଅଚଳ ହୋଇପଡ଼ିଛି। ଏବେ ଏହି ପ୍ରକଳ୍ପ ଲୋକଙ୍କ କାମରେ ଆସିପାରୁନି। ସାହିରେ ରହିଥିବା ଏକମାତ୍ର ନଳକୂପରୁ ଲୁହାଗୁଣ୍ଡମିଶା ହଳଦିଆ



**● ସୋଲାର ପ୍ରକଳ୍ପ ଅଚଳ; ମରାମତି ହୋଇପାରୁନି**
**● ଏକମାତ୍ର ନଳକୂପରୁ ବାହାରୁଛି ଲୁହାଗୁଣ୍ଡ ମିଶା ପାଣି**

ରଙ୍ଗର ପାଣି ବାହାରୁଥିବାରୁ ତାହା ପାନୀୟ ଉପଯୋଗୀ ହୋଇପାରୁନାହିଁ। ପାଣି ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁଠାରୁ ୧ କିମି ଦୂର ନାଳରେ ଚୁଆ ଖୋଳି ମହିଳାମାନେ ପାଣି ସଂଗ୍ରହ କରୁଛନ୍ତି। ଚୁଆ ପାଣି ଆବଶ୍ୟକତା ମେଣ୍ଟାଇପାରୁ ନଥିବା ବେଳେ ଅଧିକାଂଶ ସମୟରେ ନାଳର ଦୂଷିତ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଅଚଳ ସୋଲାର ପ୍ରକଳ୍ପ ମରାମତି କରିବା ସହ ଗ୍ରାମକୁ ପାଇପ୍ ଯୋଗେ ପାଣି ଯୋଗାଇଦେବାକୁ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନଥିବା ଗ୍ରାମବାସୀ କହିଛନ୍ତି। କଙ୍କଡାହାଡ଼ ବ୍ଲକକୁ ଆକାଂକ୍ଷା ବ୍ଲକଭାବେ ମନୋନୀତ କରାଯାଇ ବିକାଶକୁ ଗୁରୁତ୍ୱ ଦିଆଯାଇଥିବା କୁହାଯାଇଥିବା ବେଳେ ପାଣି ପାଇଁ ଲୋକେ କଲବଲ ହେଉଥିଲେ ମଧ୍ୟ ଅଧିକାରୀଙ୍କ ଏ ଦିଗରେ ଦୃଷ୍ଟି ପଡୁନାହିଁ। ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟିଦେଇ ତୁରନ୍ତ ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ■ ଅସହାୟ ଆଦିବାସୀ ମହିଳା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ

# ଭଙ୍ଗାଦଦରା ଚାଳଘରେ ବିତୁଛି ଜୀବନ

**ଢେଙ୍କାନାଳ, ୧୬।୫ (ସମିସ) :** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଉପଖଣ୍ଡ କଙ୍କଡାହାଡ଼ ବ୍ଲକ ଆଦିବାସୀ ଅଧ୍ୟୁଷିତ ବାମ ପଞ୍ଚାୟତ ଅନ୍ତର୍ଗତ ପାକଟମୁଣ୍ଡା ଗ୍ରାମର ଅସହାୟ ଆଦିବାସୀ ମହିଳା ଯଶୋଦା ମୁଣ୍ଡା ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ସ୍ୱାମୀ କନ୍ଦା ମୁଣ୍ଡା ଦିନ ମଜୁରିଆ ହୋଇଥିବା ବେଳେ ଯାହା କିଛି ରୋଜଗାର ହେଉଛି ପରିବାର ଚଳିବା କଷ୍ଟକର ହୋଇପଡୁଛି। ଭଙ୍ଗାଦଦରା ଚାଳ ଛପର ଘରେ ଆଦିବାସୀ ଦମ୍ପତି ଦୁଇ ପୁଅଙ୍କୁ ନେଇ ବଡ଼ ଅସହାୟ ଅବସ୍ଥାରେ ରହୁଛନ୍ତି। ବଣଜଙ୍ଗଲ ଘେରା ଗାଁରେ ସେମାନେ ଭଙ୍ଗା ଦଦରା ଘରେ ରହୁଥିବା ବେଳେ ପ୍ରତ୍ୟେକ ମୁହୂର୍ତ୍ତରେ ବନ୍ୟଜନ୍ତୁଙ୍କ ଭୟ ଆଶଙ୍କା ରହିଛି। ଝଡ଼ବର୍ଷାରେ ଘର ଭାଙ୍ଗିଯିବା ଭୟରେ ପରିବାର ଲୋକେ ଅନ୍ୟମାନଙ୍କ ଘରେ ଆଶ୍ରୟ ନେଇଥାନ୍ତି। ଆବାସ ଯୋଜନାରେ ସାମିଲ୍ କରିବାକୁ ସେ ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ଲକ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନିରାଶ ହୋଇପଡ଼ିଛନ୍ତି। ଅନେକ ସ୍ୱଚ୍ଛଳ ବର୍ଗର ଲୋକେ ଆବାସ ଯୋଜନାରେ ସାମିଲ୍ ହୋଇ ପକ୍କାଘର ପାଇଥିବା ବେଳେ ଟଙ୍କା ଦେଇପାରୁ ନଥିବାରୁ ଆମକୁ ମିଳୁ ନଥିବା କ୍ଷୋଭର ସହ କହିଛନ୍ତି ଯଶୋଦା। ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟିଦେଇ ଆବାସ ଯୋଜନାରେ ସାମିଲ୍ କରିବାକୁ ସେ ନିବେଦନ କରିଛନ୍ତି।



